# ଇ-ରୋଗ ପୋକ ସର୍ବେକ୍ଷଣ

## ତାଲିମ ପୁସ୍ତିକା









### ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା - ଦ୍ୱିତୀୟ ସବୁଜ ବିପ୍ଳବ




କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର

# ଇ-ରୋଗ ପୋକ ସର୍ବେକ୍ଷଣ

## ତାଲିମ ପୁସ୍ତିକା

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା - ଦ୍ୱିତୀୟ ସବୁଜ ବିପ୍ଳବ

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର

ଶ୍ରୀଯୁକ୍ତ ଆର୍.ଏସ୍.ଗୋପାଳନ, ଭା.ପ୍ର.ସେ.
ନିର୍ଦ୍ଦେଶକ, କୃଷି ଓ ଖାଦ୍ୟ ଉତ୍ପାଦନ, ଓଡ଼ିଶା

ଓଡ଼ିଶା ସରକାର

# ଅଭିମତ

କୃଷି ବିଭାଗ, ଓଡ଼ିଶା ତରଫରୁ ଖରିଫ୍ - ୨୦୧୦ ମସିହାରୁ ଫସଲ ସୁରକ୍ଷା ଉପରେ ଇ-ରୋଗ ପୋକ ସର୍ବେକ୍ଷଣ ନାମରେ କେନ୍ଦ୍ର ସରକାରଙ୍କ ପ୍ରଣୀତ ଏକ ନୂତନ ଯୋଜନା କାର୍ଯ୍ୟକାରୀ ହୋଇଆସୁଅଛି । ଏହା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା- ଦ୍ୱିତୀୟ ସବୁଜ ବିପ୍ଳବ ଅନ୍ତର୍ଭୁକ୍ତ । ଏହି ଯୋଜନା ମୁଖ୍ୟତଃ ରୋଗ ପୋକ ସମ୍ବନ୍ଧୀୟ ସଚେତନତା, ସର୍ବେକ୍ଷଣ ଓ ରାଜ୍ୟର କୃଷକମାନଙ୍କୁ ଆବଶ୍ୟକୀୟ ପରାମର୍ଶ ପ୍ରଦାନ ଉପରେ ପର୍ଯ୍ୟବେଶିତ । ଏଥିରେ ରାଜ୍ୟ କୃଷି ବିଭାଗ ସହ କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର (CIPMC), ଭୁବନେଶ୍ୱର ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (OUAT), ଭୁବନେଶ୍ୱରର ସଦସ୍ୟ ସଂପୃକ୍ତ ଅଛନ୍ତି । ରୋଗ ପୋକର ପ୍ରାଦୁର୍ଭାବ ରୋକିବା ଲାଗି ଠିକଣା ସମୟରେ ଚାଷୀମାନଙ୍କୁ ସଠିକ୍ ପରାମର୍ଶ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ । ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ଧାନ ଫସଲରେ ମୁଖ୍ୟ ରୋଗ ପୋକ ସମ୍ବନ୍ଧୀୟ ସଚେତନତା ପର୍ଯ୍ୟବେକ୍ଷଣ ଏବଂ ପରିଚାଳନା ଉପରେ ରାଜ୍ୟରେ ୧୩ ଗୋଟି ଜିଲ୍ଲା ଯଥା - ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନଗିରିରେ ଏହି ଯୋଜନା ୨୦୧୦ ଖରିଫ୍‌ରେ ଆରମ୍ଭ କରାଯାଇଥିଲା । ୨୦୧୧-୧୨ ରବି ଋତୁ ଠାରୁ ଏହି ଯୋଜନାରେ ଧାନ ଫସଲ ସହ ମୁଖ୍ୟ ଅଣଧାନ ଫସଲ ଯଥା- ଚିନାବାଦାମ, ମୁଗ, ବିରି, ହରଡ଼, ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରି ରାଜ୍ୟର ସମସ୍ତ ୩୦ଗୋଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇଅଛି ।

ଏହି ଅବସରରେ ରାଜ୍ୟର କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରକାଶିତ ହେବାକୁ ଯାଉଥିବା ତାଲିମ ପୁସ୍ତିକା ଏକ ମାଇଲଖୁଣ୍ଟ ସଦୃଶ । କୃଷି ବିଭାଗର ଅଧିକାରୀଙ୍କ ସମେତ କୃଷକବନ୍ଧୁ ମାନଙ୍କ ପାଇଁ ଏହା ବିଶେଷ ସହାୟକ ହେବ ।

କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ରଙ୍ଗଲାଲ ଜାମୁଦା (ଆଇ.ଏ.ଏସ୍.)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ପ୍ରେରଣା ଦ୍ୱାରା ଏହି ନୂତନ ଯୋଜନା ଆଗକୁ ବଢ଼ି ପାରିଛି । ତାଙ୍କୁ ମୁଁ ଏହି ଅବସରରେ ମୋର ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ତାଲିମ ପୁସ୍ତିକାଟି କୃଷକ ବନ୍ଧୁମାନଙ୍କ ବ୍ୟତୀତ କୃଷି ତଥା କୃଷକମାନଙ୍କ ସେବାରେ ନିୟୋଜିତ ରାଜ୍ୟର ସମସ୍ତ ବ୍ୟକ୍ତି ବିଶେଷଙ୍କ ଉପଯୋଗୀ ହେବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ନିର୍ଦ୍ଦେଶକ,
କୃଷି ଓ ଖାଦ୍ୟ ଉତ୍ପାଦନ, ଓଡ଼ିଶା
ଭୁବନେଶ୍ୱର

# ଇ-ରୋଗ ପୋକ ସର୍ବେକ୍ଷଣ

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଆନୁକୂଲ୍ୟରେ ଇ-ରୋଗ ପୋକ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆମ ରାଜ୍ୟର ୩୦ ଗୋଟି ଜିଲ୍ଲାରେ ସମସ୍ତ ବ୍ଲକର ୧୮୩୫ଟି ଗ୍ରାମ ପଞ୍ଚାୟତରେ ଚଳିତ ବର୍ଷ କାର୍ଯ୍ୟକାରୀ ହେଉଅଛି। ଉକ୍ତ ଯୋଜନା ପ୍ରଥମ ଦୁଇ ବର୍ଷ ହେଲା କେବଳ ଖରିଫ୍ ଋତୁ, ଧାନ ଫସଲ ଓ ୧୩ଗୋଟି ଜିଲ୍ଲାରେ ସୀମିତ ରହିଥିଲା। ଚଳିତ ବର୍ଷ ଉକ୍ତ କାର୍ଯ୍ୟକ୍ରମରେ ଧାନ, ଡାଲିଜାତୀୟ ଏବଂ ଚିନାବାଦାମ ଫସଲର ମୁଖ୍ୟ ରୋଗ ପୋକ ସର୍ବେକ୍ଷଣ କରାଯିବାର ଲକ୍ଷ୍ୟ ରଖାଯାଇଛି।

ବ୍ଲକ ସ୍ତରରେ ଥିବା ବୈଷୟିକ ପରିଚାଳକ, ସହାୟକ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଥିବା ତାଲିମ ପ୍ରାପ୍ତ କୃଷକ ବନ୍ଧୁମାନଙ୍କ ଦ୍ଵାରା ରୋଗ ପୋକ ସର୍ବେକ୍ଷଣର ତଥ୍ୟ ସଂଗ୍ରହ କରାଯାଇ କମ୍ପ୍ୟୁଟର ମାଧ୍ୟମରେ ତଥ୍ୟ ନିଆଯିବାର ଯୋଜନା କରାଯାଇଛି। ଆମ ରାଜ୍ୟରେ ବିଭିନ୍ନ ରୋଗ ପୋକ ଆକ୍ରମଣ ଯୋଗୁଁ ଫସଲ ହାନି ଘଟି ଚାଷୀଭାଇମାନଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗି ଦେଉଛି। ବିଗତ କେତେ ବର୍ଷର ତଥ୍ୟ ନେଲେ ଜଣାଯାଏ ଯେ, ଧାନରେ ଲେଡ଼ା ପୋକ, ମାଟିଆଗୁଣ୍ଡି, ମହିଷା ରୋଗ, ବିରିରେ କାଳିମୁଣ୍ଡି ପୋକ, ମୁଗରେ ସାହେବୀ ରୋଗ ଯୋଗୁଁ ରାଜ୍ୟରେ ଅନେକ ପରିମାଣରେ ଫସଲ ହାନି ଘଟିଛି।

ସର୍ବେକ୍ଷଣ ଅଭାବରୁ ରୋଗ ପୋକର ଆଗମନ, ତୀବ୍ରତା, ବ୍ୟାପ୍ତି ଇତ୍ୟାଦି ବିଷୟରେ ଜାଣିବା କଷ୍ଟକର। ତେଣୁ ରୋଗ ପୋକ ସର୍ବେକ୍ଷଣ ଫସଲ ସୁରକ୍ଷାରେ ବାଧ୍ୟତାମୂଳକ ହେବା ଉଚିତ୍।

## ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ

- ବିଭିନ୍ନ ଫସଲକୁ ରୋଗ ପୋକ ଦାଉରୁ ରକ୍ଷା କରି ଅମଳ ବଢ଼ାଇବା
- ବିଭିନ୍ନ ରୋଗ  ପୋକ ଲାଗୁଥିବା ଗାଁକୁ ଚିହ୍ନଟ କରିବା
- ରୋଗ ପୋକର ପୂର୍ବାନୁମାନ ଜାଣିବା
- ମୋବାଇଲ୍ ଫୋନ୍ ଜରିଆରେ ଏସ୍.ଏମ୍.ଏସ୍. ଏବଂ ଫୋନ୍ ମାଧ୍ୟମରେ ପରାମର୍ଶ ପାଇବା
- ପ୍ରତି ବ୍ଲକକୁ ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ର ଯୋଗାଇ ଦେଇ ତୁରନ୍ତ ରୋଗ ପୋକ ପରିଚାଳନା କରିବା
- ଆବଶ୍ୟକୀୟ ପରିମାଣର କୀଟନାଶକ ବ୍ୟବହାର କରିବା

- ଆକର୍ଷକ ସହ ସଙ୍ଗ ଆକର୍ଷକ ଯନ୍ତା ୧୪,୬୮୦ଟି ସ୍ଥିରିକୃତ ଜମିକୁ ଯୋଗାଇଦେବା
- ପ୍ରତି ବ୍ଲକରେ ରୋଗ ପୋକ ନିରୂପଣ ଶିବିର ଆୟୋଜନ କରିବା

## ରୋଗ ପୋକ ସର୍ବେକ୍ଷଣର ଉଦ୍ଦେଶ୍ୟ

- ଫସଲରେ ଲାଗୁଥିବା ରୋଗ ପୋକ ଅନାବନା ଘାସ ଇତ୍ୟାଦି ସମ୍ବନ୍ଧରେ ଅବଗତ ପୂର୍ବକ ଏମାନଙ୍କ ଦ୍ୱାରା ହେଉଥିବା ଫସଲ କ୍ଷତିର ପରିମାଣ ଜାଣିବା।
- ରୋଗ ପୋକ ଦେଖାଯାଉଥିବା ସ୍ଥାନ, ଏଥିପାଇଁ ଅନୁକୂଳ ପାଣିପାଗ / ଜଳବାୟୁ ସମ୍ବନ୍ଧରେ ଜାଣିବା।
- ମିତ୍ର କୀଟ ବିଷୟରେ ଜାଣିବା
- କୀଟନାଶକ ପ୍ରୟୋଗ ଯୋଗୁଁ ପୋକମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିରୋଧ ଶକ୍ତି ସମ୍ବନ୍ଧରେ ଜାଣିବା
- ନିୟମିତ ସର୍ବେକ୍ଷଣ ଯୋଗୁଁ ସଂକ୍ରମିତ ଅଞ୍ଚଳରୁ ରୋଗ ପୋକ ଅନ୍ୟ ଅଞ୍ଚଳକୁ ବ୍ୟାପିବାକୁ ରୋକିବା।

## ସର୍ବେକ୍ଷଣର ପ୍ରକାର ଭେଦ

## ନମୁନା ସଂଗ୍ରହ କୌଶଳ

ଏହି ପଦ୍ଧତିରେ ଗୋଟିଏ ଗ୍ରାମର ପାଣିପାଗ, ମାଟିର କିସମ, କ୍ଷେତର ଅବସ୍ଥା, ଫସଲ ଅବସ୍ଥା, ମାଟିର ଅମ୍ଳତା ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଏ। ଏଥିପାଇଁ ଗ୍ରାମର ଏକ ଏକର ବିଶିଷ୍ଟ ସ୍ଥିରୀକୃତ ଓ ଯଦୃଚ୍ଛା ଜମିରୁ ରୋଗ ପୋକ ସମ୍ବନ୍ଧୀୟ ବିବରଣୀ ସଂଗ୍ରହ କରାଯାଏ। ସାଧାରଣତଃ ଗୋଟିଏ ଗ୍ରାମର ନମୁନା ଭାବେ ଶତକଡ଼ା ୧୦-୨୦ ଭାଗ ଫସଲରେ ରୋଗ ପୋକ ସର୍ବେକ୍ଷଣ କରାଯାଇଥାଏ। ଉକ୍ତ କାର୍ଯ୍ୟକ୍ରମରେ ଶତକଡ଼ା ୨୦ ଭାଗ ଜମି / ଫସଲ ସର୍ବେକ୍ଷଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ନମୁନା ସେହି ଗ୍ରାମର ସମସ୍ତ ଜମି / ଫସଲର ଆୟତନକୁ ବୁଝାଇବ।

### ୧) ସ୍ଥିରୀକୃତ କ୍ଷେତ୍ର ସର୍ବେକ୍ଷଣ (Fixed Plot Survey)

ପୂର୍ବରୁ ରୋଗ ପୋକ ପ୍ରାଦୁର୍ଭାବ ଅନୁଧ୍ୟାନ କରି ପ୍ରତି ଗ୍ରାମରେ ଗୋଟିଏ ଲେଖାଏଁ ଏକ ଏକର ବିଶିଷ୍ଟ ସ୍ଥିରୀକୃତ କ୍ଷେତ୍ର ବଛାଯାଏ। ଏହି କ୍ଷେତ୍ରଟିରେ ଏକ ବର୍ଗ ମିଟର ବିଶିଷ୍ଟ ୫ ଗୋଟି କ୍ଷୁଦ୍ର କ୍ଷେତ୍ର ବଛାଯାଏ କିମ୍ବା ବିପରୀତ କୋଣକୁ ନେଇ ସମଗ୍ର କ୍ଷେତଟିକୁ କାଳ୍ପନିକ ୪ ଭାଗରେ ବିଭକ୍ତ କରାଯାଇ ମଧ୍ୟ ନମୁନା ସଂଗ୍ରହ କରାଯାଏ।

ପ୍ରତି ବର୍ଗମିଟର କ୍ଷୁଦ୍ର କ୍ଷେତ୍ରରୁ କେତେକ ସୂଚନା ଯଥା - ବୁଦା / ଗଛ ସଂଖ୍ୟା, ଗଛ ପ୍ରତି ପତ୍ର ସଂଖ୍ୟା, ଗଛ ପ୍ରତି କେଣ୍ଡା / ଛୁଇଁ / ଫଳ ସଂଖ୍ୟା ଓ ଆକ୍ରାନ୍ତ ବୁଦା / ଗଛ / ପତ୍ର / କେଣ୍ଡା / ଛୁଇଁ / ଫଳ ଇତ୍ୟାଦିର ସଂଖ୍ୟା ସଂଗ୍ରହ

କରାଯାଏ । ଏହି ପରି ମୋଟ ୫ ଗୋଟି କ୍ଷୁଦ୍ର କ୍ଷେତ୍ରରୁ ଉକ୍ତ ତଥ୍ୟ ସଂଗ୍ରହ କରାଯାଇ ଏହାର ହାରାହାରି ତଥ୍ୟ ବାହାର କରାଯାଏ ଯାହାକି ଆକ୍ରାନ୍ତ ଜମିର ଆୟତନ, ରୋଗ ପୋକର ତୀବ୍ରତା ଓ ଶତକଡ଼ା କ୍ଷତି ଇତ୍ୟାଦିର ସୂଚନା ଦେଇଥାଏ ।

**୨) ଯଦୃଚ୍ଛା ସର୍ବେକ୍ଷଣ (Random Survey)**

ଏହି ସର୍ବେକ୍ଷଣରେ ଗୋଟିଏ ଗ୍ରାମର ଗୋଟିଏ ଦିନରେ ବିପରୀତ ଦିଗରେ ୨ଟି ଏକ ଏକର ବିଶିଷ୍ଟ ଜମି ଯଦୃଚ୍ଛା ଭାବେ ବଛାଯାଏ । ତା ପରେ ସ୍ଥିରୀକୃତ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦ୍ଧତି ଅନୁଯାୟୀ ସର୍ବେକ୍ଷଣ କରାଯାଏ । ତାପର ସପ୍ତାହରେ ସେହି ଗ୍ରାମରେ ପୂର୍ବରୁ ବଛାଯାଇଥିବା କ୍ଷେତ୍ରକୁ ନ ଯାଇ ତାର ବିପରୀତ ଦିଗରେ ଥିବା ଏକ ଏକର ବିଶିଷ୍ଟ କ୍ଷେତ୍ରରେ ସର୍ବେକ୍ଷଣ କରାଯାଏ ।

**୩) ଭ୍ରାମ୍ୟମାଣ ସର୍ବେକ୍ଷଣ (Roving Survey)**

ଏହି ସର୍ବେକ୍ଷଣ ବୁଲିବୁଲି ନିର୍ଦ୍ଦିଷ୍ଟ ବ୍ୟବଧାନରେ କରାଯାଇଥାଏ । ରାସ୍ତାର ଉଭୟ ପାର୍ଶ୍ୱରୁ ଫସଲର ରୋଗ ପୋକ ସମ୍ବନ୍ଧୀୟ ବିବରଣୀ ସଂଗ୍ରହ କରାଯାଏ । ବ୍ଲକ ସ୍ତରୀୟ ସର୍ବେକ୍ଷଣ ପାଇଁ ସର୍ବେକ୍ଷଣ ଦୂରତା ୦.୫ କି.ମି. ଏବଂ ଜିଲ୍ଲାସ୍ତରୀୟ ସର୍ବେକ୍ଷଣ ପାଇଁ ୧୦କି.ମି. ବ୍ୟବଧାନ ରଖିବାକୁ ପଡ଼େ ।

## ଇ-ରୋଗ ପୋକ ସର୍ବେକ୍ଷଣର କାର୍ଯ୍ୟକାରୀ ପଦ୍ଧତି

ପ୍ରତ୍ୟେକ ତାଲିମ ପ୍ରାପ୍ତ କୃଷକ ବନ୍ଧୁ ଦିନକୁ ୨ଟି ଗ୍ରାମ ହିସାବରେ ସପ୍ତାହରେ ଚାରିଦିନ (ସୋମବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର)ରେ ମୋଟ ୮ଗୋଟି ଗ୍ରାମରେ ରୋଗପୋକ ସର୍ବେକ୍ଷଣ କରିବେ । ଯେଉଁ ଗ୍ରା.ପ.ରେ ୮ ରୁ କମ୍ ଗ୍ରାମ ରହିଛି, ସେଠାରେ ଗୋଟିଏ ଗ୍ରାମକୁ ପୁନଃ ସର୍ବେକ୍ଷଣ କରାଯାଇପାରେ । ପ୍ରତି ଗ୍ରାମରେ ଗୋଟିଏ ଲେଖାଏଁ ସ୍ଥିରୀକୃତ ଏବଂ ୨ଗୋଟି ଯଦୃଚ୍ଛା ଏକ ଏକର ବିଶିଷ୍ଟ ଜମି ନିରୂପଣ କରି ଉପରୋକ୍ତ ସର୍ବେକ୍ଷଣ ପଦ୍ଧତି ଅନୁଯାୟୀ ତଥ୍ୟ ସଂଗ୍ରହ କରିବେ ।

ପ୍ରଥମେ କୃଷକ ବନ୍ଧୁ ସର୍ବେକ୍ଷଣ ପୁସ୍ତିକାରେ ଦିଆଯାଇଥିବା ରୋଗ ପୋକର ତୀବ୍ରତା (ସାରଣୀ-୧) କୁ ଅନୁଧ୍ୟାନ କରି ବିଭିନ୍ନ ରୋଗ ପୋକର ତୀବ୍ରତା ଯଥା ନିମ୍ନ (୧), ମଧ୍ୟମ(୨) ମାତ୍ରାଧିକ (୩)କୁ ମନେରଖନ୍ତୁ। ବର୍ଗମିଟରକୁ କେତେ ପୋକ କିମ୍ବା ଆକ୍ରାନ୍ତ ପତ୍ର/ଗଛ ଇତ୍ୟାଦିର ସଂଖ୍ୟା ମନେ ରଖନ୍ତୁ । ଗୋଟିଏ ଗ୍ରାମର ୩ଟି ଏକ

ଏକର ସର୍ବେକ୍ଷଣ ଜମିର ତୀବ୍ରତାକୁ ମିଶାଇ ଏହାର ହାରାହାରି ତୀବ୍ରତା ଯଥା $\frac{୧+୩+୩}{୩} = \frac{୭}{୩} = ୨.୩$ ପୁସ୍ତିକାରେ ଲେଖନ୍ତୁ । ଗ୍ରାମରେ କିଛି ଆଗୁଆ ଚାଷୀକୁ ଯୋଗାଯୋଗ କରି ଜମିର ଆୟତନ ଲେଖନ୍ତୁ ।

**ଉଦାହାରଣ-୧**

ସ୍ଥିରୀକୃତ ଜମି ୧ - ନିମ୍ନ ୧

ଯଦୃଚ୍ଛା ଜମି ୧ - ମାତ୍ରାଧିକ ୩

ଯଦୃଚ୍ଛା ଜମି ୨ - ମାତ୍ରାଧିକ ୩

ହାରାହାରି ତୀବ୍ରତା = $\frac{୧+୩+୩}{୩} = \frac{୭}{୩} = ୨.୩$ ମଧ୍ୟମ

**ଉଦାହାରଣ-୨**

ସ୍ଥିରୀକୃତ ଜମି ୧ - ମାତ୍ରାଧିକ ୩

ଯଦୃଚ୍ଛା ଜମି ୧ - ମାତ୍ରାଧିକ ୩

ଯଦୃଚ୍ଛା ଜମି ୨ - ମଧ୍ୟମ ୨

ହାରାହାରି ତୀବ୍ରତା = $\frac{୩+୩+୨}{୩} = \frac{୮}{୩} = ୨.୭$ ମାତ୍ରାଧିକ

ଯେତେବେଳେ କୌଣସି ଗ୍ରାମର କୌଣସି ଫସଲରେ ରୋଗ ପୋକର ତୀବ୍ରତା "ମାତ୍ରାଧିକ" ବା "୩" ଥାଏ, ସେତେବେଳେ ଶତକଡ଼ା କ୍ଷତିର ପରିମାଣ ନିରୂପଣ କରାଯାଏ ।

ଶତକଡ଼ା କ୍ଷତି (ଫସଲଓ୍ୱାରୀ) = $\frac{\text{ମାତ୍ରାଧିକ ତୀବ୍ରତାରେ ଜମିର ଆୟତନ}}{\text{ଗ୍ରାମର ମୋଟ ଜମିର ଆୟତନ}} \times ୧୦୦$

**ସର୍ବେକ୍ଷଣ ଫର୍ମ - (ସାରଣୀ - ୨)**

ଗୋଟିଏ ଗ୍ରାମ ପାଇଁ ୨ଟି ପୃଷ୍ଠା ବ୍ୟବହାର କରନ୍ତୁ, ପ୍ରଥମ ପୃଷ୍ଠା ଧାନ ପାଇଁ ଓ ଦ୍ୱିତୀୟ ପୃଷ୍ଠା ଅଣଧାନ ପାଇଁ । ପ୍ରଥମେ ଗ୍ରାମର ନାମ, ୩ଟି ଚାଷୀଙ୍କ ନାମ (ସ୍ଥିରୀକୃତ ଜମି ପାଇଁ ଜଣେ ଓ ଯଦୃଚ୍ଛା ଜମି ପାଇଁ ଦୁଇଜଣ), ସେମାନଙ୍କର ଫୋନ୍ ନମ୍ବର, ଫସଲଓ୍ୱାରୀ ଜମିର ଆୟତନ ଫସଲ ଅବସ୍ଥା ଇତ୍ୟାଦି ଲେଖନ୍ତୁ ଓ ଉପରୋକ୍ତ ନିୟମ ଅନୁସାରେ ଫସଲର ଆକ୍ରାନ୍ତ ଜମିର ଆୟତନ ଲେଖନ୍ତୁ । ପୁସ୍ତିକାର ଶେଷ ଭାଗରେ ଦିଆଯାଇଥିବା ରଫ୍ କାଗଜରେ ୮ଟି ଗ୍ରାମର ନାମ ବାର ଅନୁସାରେ (ଗୁରୁବାର - ଗ୍ରାମ ୧ଓ୨, ଶୁକ୍ରବାର - ଗ୍ରାମ ୩ ଓ ୪, ସୋମବାର - ଗ୍ରାମ ୫

ଓ ୬, ମଙ୍ଗଳବାର – ଗ୍ରାମ ୭ ଓ ୮) ଟିପି ରଖନ୍ତୁ। ମଙ୍ଗଳବାର ସଂଧ୍ୟା କିମ୍ବା ବୁଧବାର ସକାଳେ ତଥ୍ୟଯୁକ୍ତ ପୃଷ୍ଠା ସର୍ବେକ୍ଷଣ ପୁସ୍ତିକାରୁ ବାହାର କରି ବ୍ଳକର ବୈଷୟିକ ପରିଚାଳକଙ୍କୁ ହସ୍ତାନ୍ତର କରନ୍ତୁ।

ଏତଦ୍ ବ୍ୟତୀତ ଧାର୍ଯ୍ୟ ଗ୍ରାମ ଛଡ଼ା ଅନ୍ୟ କୌଣସି ଗ୍ରାମର ରୋଗ ପୋକ ସମ୍ବନ୍ଧୀୟ ସୂଚନା ପାଇଲେ ତୁରନ୍ତ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଅଧିକାରୀଙ୍କୁ ଜଣାଇବେ। ଧାର୍ଯ୍ୟଗ୍ରାମର କୃଷକମାନଙ୍କ ସହିତ ନିୟମିତ ଯୋଗାଯୋଗ କରିବା ଆବଶ୍ୟକ। ବ୍ଳକର ବୈଷୟିକ ପରିଚାଳକ କୃଷକ ବନ୍ଧୁଙ୍କ ସର୍ବେକ୍ଷଣ କାର୍ଯ୍ୟ ତଦାରଖ କରିବେ ଓ ଯଦୃଚ୍ଛା କିମ୍ବା ଭ୍ରାମ୍ୟମାଣ ସର୍ବେକ୍ଷଣ କରି ରୋଗ ପୋକ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବେ। ଏହା ସହିତ ଡାଟାଲଗର / ଡାଟାସିଟ୍ ଦ୍ୱାରା ସଂଗୃହିତ ହୋଇଥିବା ସମ୍ପୃକ୍ତ ବ୍ଳକର ତଥ୍ୟ ଫସଲ ସୁରକ୍ଷା ଅଧିକାରୀ / ସହାକରୀ କୃଷି ଅଧିକାରୀ (ପି.ଏସ୍.)ଙ୍କ ନିକଟରେ ବୁଧବାର ଦିନ ମଧ୍ୟାହ୍ନ ସୁଦ୍ଧା ଦାଖଲ କରିବେ। କୃଷି ଜିଲ୍ଲାସ୍ତରୀୟ ଡାଟା ଏଣ୍ଟ୍ରି ଅପରେଟର ଫସଲ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ସମୀକ୍ଷା କରାଯାଇଥିବା ତଥ୍ୟଗୁଡ଼ିକୁ କମ୍ପ୍ୟୁଟରରେ ସ୍ଥାନିତ (ଏଣ୍ଟ୍ରି) କରିବେ। ଜିଲ୍ଲାକୃଷି ଅଧିକାରୀ ଏ ସମସ୍ତ କାର୍ଯ୍ୟ ତଦାରଖ କରିବେ। ଫସଲ ସୁରକ୍ଷା ଅଧିକାରୀ ନିୟମିତ ଭାବେ ଡାଟା ସ୍ଥାନିତ କାର୍ଯ୍ୟ ନିଶ୍ଚିତ କରିବେ। ସ୍ଥାନିତ କରାଯାଇଥିବା ଡାଟା ସଫଟ୍‌ୱେୟାର ମାଧ୍ୟମରେ ସ୍ୱତଃ ସଙ୍କଳିତ ହେବ ଏବଂ ଗ୍ରାମୱାରୀ, ବ୍ଳକୱାରୀ ଓ ଜିଲ୍ଲାୱାରୀ ବିବରଣୀ ପ୍ରସ୍ତୁତ ହେବ।

ପ୍ରତ୍ୟେକ କୃଷକ ବନ୍ଧୁ ସମ୍ପୃକ୍ତ ଗ୍ରାମର ସ୍ଥିରୀକୃତ ପ୍ଲଟରେ ସଙ୍ଗ ଆକର୍ଷକ (ଫେରୋମୋନ୍) ଯନ୍ତା ସ୍ଥାପନ କରିବେ ଏବଂ ଯନ୍ତାରେ ପଡୁଥିବା ପୋକମାନଙ୍କ ସଂଖ୍ୟା ପର୍ଯ୍ୟବେକ୍ଷଣ କରିବେ। ଓ.ୟୁ.ଏ.ଟି.ରେ କୀଟତତ୍ତ୍ୱ ବିଭାଗ ଓ ରୋଗ ନିଦାନ ବିଭାଗୀୟ ମୁଖ୍ୟଙ୍କ ତତ୍ତ୍ୱାବଧାନରେ ଗବେଷଣା ସହାୟକ ତଥ୍ୟଗୁଡ଼ିକ ବିଶ୍ଳେଷଣ କରି ବ୍ଳକ ଭିତ୍ତିକ ରୋଗ ପୋକ ପରାମର୍ଶ ପଦ୍ଧତି ଅନଲାଇନରେ ସ୍ଥାନିତ କରିବେ। ଏହି ପରାମର୍ଶ ପ୍ରକ୍ରିୟା ଗୁରୁବାର ସୁଦ୍ଧା ସମାପ୍ତ ହେବ। ଏହି ପରାମର୍ଶ ଦୁଇଟି ଭାଗରେ ବିଭକ୍ତ। ପ୍ରଥମ ପଦ୍ଧତିରେ ବିଶଦଭାବେ ପ୍ରସ୍ତୁତ ପରାମର୍ଶ ରାଜ୍ୟ କୃଷି ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଜରିଆରେ ଗ୍ରାମକୁ ସଂପ୍ରସାରିତ ହେବ, ସେଗୁଡ଼ିକ ରେଡିଓ ବୁଲେଟିନ୍ ମାଧ୍ୟମରେ ପ୍ରସାର କରାଯିବ। ଦ୍ୱିତୀୟ ପଦ୍ଧତିରେ ସଂକ୍ଷିପ୍ତ ବାର୍ତ୍ତା ମାଧ୍ୟମରେ ଅଗ୍ରଣୀ କୃଷକ ଏବଂ କୃଷି ଅଧିକାରୀ ମାନଙ୍କୁ ମୋବାଇଲ୍ ଫୋନ୍ ଯୋଗେ ଏହି ପରାମର୍ଶ ଜଣାଇ ଦିଆଯିବ। ସହକାରୀ କୃଷି ଅଧିକାରୀ ଏହି ଦୁଇ ପଦ୍ଧତିରେ ପାଇଥିବା ପରାମର୍ଶକୁ ଡାଉନଲୋଡ୍ କରି କ୍ଷେତ୍ର କର୍ମଚାରୀଙ୍କ ଜରିଆରେ କୃଷକଙ୍କ ନିକଟକୁ ପ୍ରସାରିତ କରିବେ।

# ବିଭିନ୍ନ ଫସଲରେ ରୋଗ ପୋକ ପରିଚାଳନା

## ଧାନ

### ୧) ଲେଡ଼ା ପୋକ

ଏହି ପୋକର ଶୂକ ଗୁଡ଼ିକ ରାତିରେ ଖୁବ୍ ଚଳଚଞ୍ଚଳ ଓ ଦିନରେ ଫସଲ ଓ ଫାଟ ମଧ୍ୟରେ ଲୁଚି ରହନ୍ତି । ଗଛରୁ ପତ୍ର ଖାଇଯାଆନ୍ତି । ତଳିରେ ଲାଗିଲେ ବହୁତ କ୍ଷତି କରିଦିଅନ୍ତି । ବୟସ୍କ ପୋକ ବାଦାମୀ ଧୂସର ରଙ୍ଗର, ଆଗ ଡେଣାରେ କଳା ବିନ୍ଦୁ ରହିଥାଏ ଓ ପଛ ଡେଣାରେ ଧଳା ଓ ଧୂସର ରଙ୍ଗ ରହିଥାଏ । ପତ୍ର ଉପରେ ଏହା ଅଣ୍ଡା ଦିଏ ଓ ତୂଳ ଘୋଡାଇ ଦେଇଥାଏ । ଶୂକ ଧୂସର ରଙ୍ଗର ଓ ଦେହ କଡରେ ଗାରମାନ ଥାଏ ।





### ପରିଚାଳନା

କ) ଧାନ କିଆରୀ ହୁଡ଼ାକୁ ସଫା ସୁତୁରା ରଖନ୍ତୁ ଏବଂ ରାତିରେ ନିଆଁ ହୁଳା ଜାଳନ୍ତୁ ।

ଖ) ଅନାବନା ଘାସ / ଗଛକୁ କିଆରୀ ନିକଟବର୍ତ୍ତୀ ଖାଲି ଜାଗାରୁ ନଷ୍ଟ କରିଦିଅନ୍ତୁ ।

ଗ) କିଆରୀରେ ବାଉଁଶ କଣି ଦ୍ୱାରା ପକ୍ଷୀ ଆଶ୍ରୟସ୍ଥଳୀ ସ୍ଥାପନ କରି ପକ୍ଷୀମାନଙ୍କ ଦ୍ୱାରା ପୋକ ଦମନ କରନ୍ତୁ ।

ଘ) ତଳିଘରା ବା ମୁଖ୍ୟ କିଆରୀରେ ପାଣି ଭର୍ତ୍ତି କରି ସେଥିରେ କିରାସିନ୍ ପକାଇ ଦେଲେ ମାଟିରେ ଲୁଚି ରହିଥିବା ପୋକ ଉପରକୁ ଆସି କିରୋସିନ ମିଶା ପାଣିରେ ପଡ଼ି ମରିଯାଆନ୍ତି ।

ଙ) ନିମ୍ବ ଆଧାରିତ କୀଟନାଶକ ପ୍ରୟୋଗ କଲେ ଲେଡ଼ା ପୋକର ବଂଶ ବୃଦ୍ଧି ହ୍ରାସ କରାଯାଇ ପାରିବ ।

ଚ)	ଟ୍ରାଇଆଜୋଫସ୍ ୪୦%ଇ.ସି. ୨ମି.ଲି. କିମ୍ବା କୁଇନାଲଫସ୍ ୨୫% ଇ.ସି. ୨ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦% ଇ.ସି. ୩ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

ଛ)	ହେକ୍ଟର ପ୍ରତି ମିଥାଇଲ ପାରାଥିଅନ୍ ୨% ଗୁଣ୍ଡ ୨୫ କି.ଗ୍ରା. କିମ୍ବା କ୍ଲୋରୋପାଇରିଫସ୍ ୧.୫ %ଗୁଣ୍ଡ ୨୫କି.ଗ୍ରା. ହୁଡ଼ା ଉପରେ ବହଳିଆ ଭାବରେ ପ୍ରୟୋଗ କରନ୍ତୁ । ଏହା ଦ୍ୱାରା ଗୋଟିଏ କିଆରୀରୁ ଅନ୍ୟ କିଆରୀକୁ ପୋକ ଯାଇପାରିବ ନାହିଁ ।

## ୨) କାଣ୍ଡବିନ୍ଧା ପୋକ

ଧାନ ଫସଲରେ ଏହା ଏକ ନିୟମିତ ପୋକ । ପ୍ରଜାପତିଗୁଡ଼ିକ ୧୩-୧୬ମି.ମି. ଲମ୍ବ ଓ ଡେଣା ମେଲାଇ ରହିଲେ ୨୨-୩୦ମି.ମି. ହୋଇଥାନ୍ତି । ଅଣ୍ଡିରା ପୋକଟି ମାଈ ପୋକ ଠାରୁ ଛୋଟ । ମାଈ ପୋକ ନଡ଼ା ରଙ୍ଗର, ଆଗ ଡେଣାର ମଝିରେ ଏକ କଳାବିନ୍ଦୁ ଥାଏ ଏବଂ ପେଟତଳେ ମେଞ୍ଚାଏ ଚୂଳ ଥାଏ । ମାଈ ପୋକ ଅଣ୍ଡାଗୁଡ଼ିକୁ ଧାନ



ପତ୍ରର ଅଗରେ ମେଞ୍ଚା ମେଞ୍ଚା କରି ଦେଇଥାଏ ଓ ଅଣ୍ଡା ଦେଇସାରି ଚୂଳ ଘୋଡ଼ାଇ ଦେଇଥାଏ । ଅଣ୍ଡାଗୁଡ଼ିକ ୫-୮ଦିନ ମଧ୍ୟରେ ଫୁଟେ । ଶୂକଗୁଡ଼ିକ କାଣ୍ଡର ବିଭିନ୍ନ ସ୍ଥାନରେ କଣାକରି କାଣ୍ଡ ମଧ୍ୟକୁ ପ୍ରବେଶ କରେ ଓ କାଣ୍ଡର ତନ୍ତୁକୁ ଖାଏ । ପୂର୍ଣ୍ଣାଙ୍ଗ ଶୂକଟି ୨୫ ମି.ମି. ଲମ୍ବ ଓ ୩ ମି.ମି. ଓସାର ହୁଏ । ଏହାର ରଙ୍ଗ ହଳଦିଆ ଧଳା ଓ ମୁଣ୍ଡଟି କମଳା ରଙ୍ଗର । ଶୂକ ଜନ୍ମ ହେବାର ୨୪ ଘଣ୍ଟା ମଧରେ ପତ୍ରାଚ୍ଛଦ ମଧ ଦେଇ କାଣ୍ଡ ମଧ୍ୟକୁ ପ୍ରବେଶ କରେ । ଶୂକ ଖାଇବା ଦ୍ୱାରା ମଝି କାଣ୍ଡଟି ମରିଯାଏ । ଏହାକୁ 'ମଞ୍ଜକିଳା' ବା 'ମଳାମଞ୍ଜ' କୁହାଯାଏ । କେଣ୍ଡା ବାହାରିବା ବେଳେ ଶୂକ ଖାଇବା ଦ୍ୱାରା ଧଳା କେଣ୍ଡା ବାହାରେ ।

## ପରିଚାଳନା

କ) ନଡ଼ାମୂଳିକୁ ଚାଷ କରି ବା ନିଆଁ ଲଗାଇ ନଷ୍ଟ କରିଦେଲେ ତା ଭିତରେ ନିଷ୍କ୍ରିୟ ଅବସ୍ଥାରେ ବହୁଦିନ ଧରି ରହିଥିବା କାଣ୍ଡବିନ୍ଧା ପୋକର ଶୂକ ଓ କୋଷା ନଷ୍ଟ ହୋଇଯାଆନ୍ତି ।

ଖ) ସହନଶୀଳ ବା ପ୍ରତିରୋଧି କିସମ ବିହନ ବ୍ୟବହାର କରନ୍ତୁ ।

ଗ) ଖରିଫ୍ / ଡାଲୁଅ ଋତୁରେ ଜୁନ୍ / ଜାନୁୟାରୀ ମଧ୍ୟ ଭାଗ ସୁଦ୍ଧା ବୁଣା / ରୁଆ କାମ ଶେଷ କରନ୍ତୁ ।

ଘ) ଆବଶ୍ୟକ ସ୍ଥଳେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଏକ ସପ୍ତାହ ବ୍ୟବଧାନରେ ୬ ଥର କ୍ଷେତରେ ଛାଡ଼ିଲେ କାଣ୍ଡବିନ୍ଧା ପୋକ ବଂଶ ବୃଦ୍ଧି ହୁଏ ନାହିଁ ।

ଙ) ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରି ପୂର୍ଣ୍ଣାଙ୍ଗ କୀଟ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ ।

ଚ) ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପ୍ରୟୋଗ କରନ୍ତୁ ।

ଛ) ଧାନ ରୋଇବା ପୂର୍ବରୁ ପ୍ରତି ଲିଟର ପାଣିରେ ୧ ମି.ଲି. କ୍ଲୋରୋପାଇରିଫସ୍ ୨୦%ଇ.ସି. ମିଶାଇ ୧୨ ଘଣ୍ଟା ତଳି ଚେରବୁଡ଼ା କରନ୍ତୁ ।

ଜ) ତଳି ଉପାଡିବାର ୭ଦିନ ପୂର୍ବରୁ ତଳିଘରାରେ ଏକର ପ୍ରତି କାର୍ବୋଫ୍ୟୁରାନ୍ ୩%ଜି. ୧୨କି.ଗ୍ରା. କିମ୍ବା କାର୍ଟାପ ହାଇଡ୍ରୋକ୍ଲୋରାଡ଼୍ ୪%ଜି କିମ୍ବା ଫିପ୍ରୋନିଲ ୦.୩%ଜି ଏକର ପ୍ରତି ୧୦ କି.ଗ୍ରା. ପ୍ରୟୋଗ କରନ୍ତୁ ।

ଝ) ତଳିଘରାରେ ପ୍ରୟୋଗ କରି ନଥିଲେ ମୁଖ୍ୟ କ୍ଷେତରେ ଉପରୋକ୍ତ ମାତ୍ରାରେ ଦାନାଦାର ବିଷ ପ୍ରୟୋଗ କରନ୍ତୁ ।

ଞ) ଏକର ପ୍ରତି ୫୦ମି.ଲି. ଫ୍ଲୁବେଣ୍ଡିଆମାଇଡ଼୍ ୩୯.୩୫%ଏସ.ସି. କିମ୍ବା ଟ୍ରାଇଆଜୋଫସ୍ ୪୦%ଇ.ସି. ୪୦୦ମି.ଲି. କିମ୍ବା ଫସାଲୋନ୍ ୩୫%ଇ.ସି. ୪୦୦ମି.ଲି. କିମ୍ବା ବେନ୍‌ଫ୍ୟୁରାକାର୍ବ ୪୦%ଇ.ସି. ୪୦୦ମି.ଲି. ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

## ୩) ମାଟିଆଗୁଣ୍ଡି ପୋକ

ଏହା ଏକ ଶୋଷକ ଶ୍ରେଣୀୟ ପୋକ । ଅର୍ଭକ ଏବଂ ବଡ଼ ପୋକ ଦେଖିବାକୁ ମାଟିଆରଙ୍ଗ । ଫୁଲ ଉଡେଇବା ଆଗରୁ ଛୋଟ ଡେଣାଥିବା ମାଟିଆଗୁଣ୍ଡି ପୋକ ଦେଖାଯାନ୍ତି ଓ ପରେ ପରେ ଲମ୍ବ ଡେଣାଥିବା ମାଟିଆଗୁଣ୍ଡି ପୋକ ଅଧିକ ଦେଖାଯାନ୍ତି ଓ ଏମାନେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଉଡିଯାଇପାରନ୍ତି । ଉଭୟ

ବୟସ୍କ ପୋକ ଓ ଅର୍ଭକ ଅଧିକ ସଂଖ୍ୟାରେ ଆସି ଫସଲରୁ ରସ ଶୋଷି ଖାଇବା ଯୋଗୁଁ ଗଛ ପ୍ରଥମେ ହଳଦିଆ ପଡ଼ିଯାଏ, ପରେ ଶୁଖିଯାଏ । ହିଡ଼ରୁ ଥାଇ ଦେଖିଲେ କିଆରୀରେ ପାଣି ଥିଲେ ମଧ୍ୟ ମନ୍ଦା ମନ୍ଦା ହୋଇ ଧାନ ପୋଡ଼ି ଯାଇଥିବାର ଦେଖାଯାଏ । ଏହି ମନ୍ଦାଗୁଡ଼ିକ ଧୀରେ ଧୀରେ ଯୋଡି ହୋଇ ପୁରା କିଆରୀଟି ଜଳିଗଲା ଭଳି ଦେଖାଯାଏ । ଏହାକୁ 'ହୋପର ପୋଡ଼ା' ବୋଲି କୁହାଯାଏ ।




## ପରିଚାଳନା

କ) ଧାନ ଅମଳ ପରେ ନଡା ମୂଳ ଓ ଅନ୍ୟାନ୍ୟ ଘାସ ଚାଷ କରି ନଷ୍ଟ କରିଦେବା ଉଚିତ୍ ।

ଖ) ମାଟିଆଗୁଣ୍ଡି ପୋକର ସହନଶୀଳ ଓ ପ୍ରତିରୋଧକ୍ଷମ ବିହନ ଚାଷ କରନ୍ତୁ ।

ଗ) ଡାଲୁଅ ଋତୁରେ ଜାନୁୟାରୀ ୧୫ ତାରିଖ ସୁଦ୍ଧା ରୁଆ କାର୍ଯ୍ୟ ଶେଷ କରନ୍ତୁ ।

ଘ) ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପ୍ରୟୋଗ କରନ୍ତୁ ।

ଙ) ଜଳ ନିୟନ୍ତ୍ରଣର ସୁବିଧା ଥିଲେ ଅଦଳବଦଳ କରି ଜମିରେ ପାଣି ଭର୍ତ୍ତି କରନ୍ତୁ ଓ ନିଷ୍କାସନ କରନ୍ତୁ ।

ଚ) ଏକର ପ୍ରତି ୨୦୦ ମି.ଲି ବୁପ୍ରୋଫେଜିନ୍ ୨୫% ଏସ୍.ସି. କିମ୍ବା ୩୦୦ ମି.ଲି. ଇଥୋଫେନପ୍ରକ୍ସ ୧୦% ଇ.ସି. କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ ୨୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

## ୪) ଧଳାପିଠିଆ ଗୁଣ୍ଡି ପୋକ



ମାଟିଆଗୁଣ୍ଡି ପୋକ ସହିତ ଧଳାପିଠିଥିବା ଆହୁରି ଏକ ଗୁଣ୍ଡିପୋକ ଦେଖାଯାଆନ୍ତି । ଏମାନଙ୍କୁ ଧଳାପିଠିଆ ଗୁଣ୍ଡିପୋକ ବୋଲି କୁହାଯାଏ । ଅର୍ଭକଗୁଡ଼ିକ ଧଳା କିମ୍ବା ଧୂସର ଏବଂ ବୟସ୍କ ପୋକର ପିଠି ଉପରେ ଧଳା ପଟିଟିଏ ଥାଏ । ଏମାନେ ମଧ୍ୟ ମାଟିଆଗୁଣ୍ଡି ପୋକ ଭଳି ଗଛରୁ ରସ ଶୋଷଣ କରିଥାଆନ୍ତି ।

### ପରିଚାଳନା

ମାଟିଆଗୁଣ୍ଡି ପୋକ ପାଇଁ ବର୍ଣ୍ଣିତ ନିରାକରଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

## ୫) ପତ୍ରମୋଡା ପୋକ

ବୟସ୍କ ପୋକ ଦେଖିବାକୁ କମଳା ଧୂସର ରଙ୍ଗର । ଡେଣାଧାରରେ ଢେଉ ଢେଉକା ବହୁତ କଳାପଟି ଦେଖାଯାଏ । ଶୂକଗୁଡ଼ିକ ଫିକା ସବୁଜ ରଙ୍ଗର, ସ୍ୱଚ୍ଛ ଓ ଖୁବ୍ କ୍ଷୀପ୍ର । ଶୂକ ପତ୍ରକୁ ଉପରୁ ତଳକୁ କିମ୍ବା ଦୁଇଟି ପତ୍ରକୁ ମୋଡି ଦେଇ ତା ମଧ୍ୟରେ ରହି ସବୁଜ ଅଂଶ କୋରି ଖାଇଥାଏ । ପତ୍ରମୋଡାରେ ଶୂକର ମଳ ପଡ଼ିଥିବାର ଦେଖାଯାଏ । ଅଧିକ ଆକ୍ରାନ୍ତ ପତ୍ର ପୋଡାଳିଆ ଦିଶେ ।



## ପରିଚାଳନା

କ) ପତ୍ରକୁ ମୋଡି ଥିବା ଅବସ୍ଥାରେ ଶୂକମାନଙ୍କୁ ସଂଗ୍ରହ କରି ନଷ୍ଟ କରିଦେବା ଉଚିତ୍ ।

ଖ) ରାତିରେ ଆଲୋକ ଯନ୍ତା ରଖିଲେ କିମ୍ବା ନିଆଁ ହୁଳା ଜାଳିଲେ ଶଲଭ ମାନେ ସେଥିରେ ପଡ଼ି ମରନ୍ତି ।

ଗ) କିଆରୀରେ ଥିବା ପାଣିରେ ଅଳ୍ପ ପରିମାଣର କିରୋସିନ ମିଶାଇ ଉଭୟ ପଟୁ ରସି ଦ୍ୱାରା ଧାନ ଗଛର ଅଗ୍ରଭାଗକୁ ଝାଡ଼ି ଦେଲେ ପୋକଗୁଡ଼ିକ ସେହି ପାଣିରେ ପଡ଼ି ମରିଯାନ୍ତି ।

ଘ) ଅଧିକ ଯବକ୍ଷାରଜାନ ସାର ବ୍ୟବହାର କରିବା ଅନୁଚିତ୍ ।

ଙ) ଏକର ପ୍ରତି ୨୦୦ ଗ୍ରାମ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. କିମ୍ବା ୨୦୦ ମି.ଲି. ଲାମ୍ୱଡାସାଇହାଲୋଥ୍ରିନ୍ ୫% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

## ୬) ନଳୀ ପୋକ



ଏହି ପୋକର ଶୂକ ପତ୍ରର ଅଗକୁ କାଟି ଖୋଳ ବା ନଳୀ ତିଆରି କରି ତା ମଧ୍ୟରେ ଲୁଚି ରହେ । ଏହି ନଳୀଗୁଡ଼ିକ ପତ୍ରଧାରରୁ ଓହଳି ଥାଏ କିମ୍ବା ପାଣିରେ ଭାସୁଥାଏ । ଶୂକ ଭୂମି ସହ ସମାନ୍ତର ଭାବେ ସବୁଜ ଅଂଶ ଖାଇଦେବାରୁ ଶିଡି ପାହାଚ ଭଳି ଦେଖାଯାଏ । ବୟସ୍କ ପୋକ ସୂକ୍ଷ୍ମ ଓ ଛୋଟ ଦିଶେ । ଏହାର ଡେଣା ଧଳା ଦିଶେ ଓ ଫିକା ଧୂସର ବିନ୍ଦୁ ଥାଏ । ଶୂକ ଫିକା ସବୁଜ ଓ ମୁଣ୍ଡ କମଳା ରଙ୍ଗ ହୋଇଥାଏ ।

## ପରିଚାଳନା



କ) କିଆରୀରୁ ପାଣି ନିଷ୍କାଷନ କରିଦେଲେ ପୋକ ଉପଦ୍ରବ ହ୍ରାସ ପାଏ ।

ଖ) କିଆରୀରେ ଥିବା ପାଣିରେ ଅଳ୍ପ କିରୋସିନି ମିଶାଇ ହିଡ଼ର ଉଭୟ ପଟରୁ ଏକ ରସି ଦ୍ୱାରା ଧାନ ଗଛକୁ ଝାଡି ଦେଲେ ନଳୀପୋକ ଗୁଡ଼ିକ ସେହି ପାଣିରେ ପଡ଼ି ମରିଯାଆନ୍ତି ।

ଗ)	ନିମ୍ବ ଆଧାରିତ କୀଟନାଶକ ପ୍ରୟୋଗ କରନ୍ତୁ ।

ଘ)	କିଆରୀରେ ଆଲୋକ ଯନ୍ତା ବସାନ୍ତୁ କିମ୍ବା ରାତିରେ ନିଆଁ ହୁଳା ଜାଳନ୍ତୁ ।

ଙ)	କୁଇନାଲଫସ୍ ୨୫%ଇ.ସି. ୨ମି.ଲି. କିମ୍ବା ଫସାଲୋନ୍ ୩୫%ଇ.ସି. ୨.୫ମି.ଲି. କିମ୍ବା ମନୋକ୍ରୋଟୋଫସ୍ ୩୬%ଏସ୍.ଏଲ୍. ୨ମି.ଲି. କିମ୍ବା କ୍ଲୋରପାଇରିଫସ୍ ୨୦% ଇ.ସି. ୨ମିଲି. ପ୍ରତି ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

## ୭)	ଗନ୍ଧିପୋକ





ଗନ୍ଧିପୋକ ଗୁଡ଼ିକ ଲମ୍ବାଳିଆ ଓ ସେମାନଙ୍କର ବଡ଼ ଶୃଙ୍ଗିକା ଓ ଗୋଡ଼ ଥାଏ । ଅର୍ଭକ ଗୁଡ଼ିକ ସବୁଜ ଧୂଷର ଓ ବୟସ୍କ ପୋକ ହଳଦିଆ ସବୁଜ । ପୋକ ଦେହରେ ହାତ ମାରିଲେ ଉତ୍କଟ ଗନ୍ଧ ବାହାରେ । ଉଭୟ ଅର୍ଭକ ଓ ବୟସ୍କ ପୋକ ଧାନ କ୍ଷୀର ଢୋକିବା ବେଳେ ରସ ଶୋଷି ଥାଆନ୍ତି । ଫଳରେ ଧାନ ଲୋଚାକୋଚା ଓ ଅଗାଡ଼ି ହୋଇଥାଏ । ଶୁଣ୍ଢ ପୁରାଇ ଖାଇବା ଯାଗାରେ ଧାନରେ ଗୋଟିଏ କଳାଦାଗ ଦେଖାଯାଏ ।

### ପରିଚାଳନା

କ)	ଧାନ କ୍ଷେତ ତଥା ସନ୍ନିକଟ କ୍ଷେତରୁ ଅନାବନା ଘାସ ଓ ଗଛ ନଷ୍ଟ କରିଦେବା ଉଚିତ୍ ।

ଖ)	ହିଡ଼ରେ ବା କ୍ଷେତ ନିକଟରେ ନିଆଁ ହୁଳା ଜାଳନ୍ତୁ ।

ଗ)	ପଚା ଗେଣ୍ଡା ମାଂସ ତିନି / ଚାରି ଖଣ୍ଡ କନାରେ ବାନ୍ଧି କିଆରୀରେ ଟାଙ୍ଗି ଦେଲେ ଗନ୍ଧି ପୋକ ମାନେ ସେଥିପ୍ରତି ଆକୃଷ୍ଟ ହୋଇ ଆସି ତାକୁ ଖାଇ ମରନ୍ତି ।

ଘ)	ଏକର ପ୍ରତି ୪୦୦ମି.ଲି. ମାଲାଥିଅନ୍ ୫୦%ଇ.ସି. କିମ୍ବା ୧କି.ଗ୍ରା. କାର୍ବାରିଲ ୫୦% ଡବ୍ଲୁ.ପି. ୨୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ ।

## ୮)     ମହିଷା ରୋଗ



ଏହି ରୋଗ ତଳି, ପିଲ ଦେବା ଓ କେଣ୍ଡା ବାହାରିବା ଅବସ୍ଥାରେ ଅଧିକ ଦେଖାଯାଏ। ଏହା ତିନୋଟି ଅବସ୍ଥାରେ ହୋଇଥାଏ।

**କ) ପତ୍ର ମହିଷା :** ପତ୍ରରେ ତାକୁଡ଼ି ଭଳି କିମ୍ବା ଆଖି ଆକୃତିର ଦାଗ ଦେଖାଦିଏ। ଏହାର ମଝି ଅଂଶ ଚଉଡା ଓ ଦୁଇମୁଣ୍ଡ ସରୁଆ। ଚାରିପାଖ ଧୂସର ରଙ୍ଗ ହୋଇଥିବା ବେଳେ ମଝି ଅଂଶ ପାଉଁଶିଆ ଦେଖାଯାଏ। ଅନେକଗୁଡ଼ିଏ ଦାଗ ମିଶିଯାନ୍ତି। ଫଳରେ ପୁରାପତ୍ରଟି ଝାଉଁଳିଯାଏ। ଅତ୍ୟଧିକ ଆକ୍ରାନ୍ତ ଫସଲ ସମ୍ପୂର୍ଣ୍ଣ ପୋଡାଳିଆ ଦେଖାଯାଏ।

**ଖ) ଗଣ୍ଠି ମହିଷା :** ଗଛର ଗଣ୍ଠି ଜାଗା କଳା ଦିଶେ ଓ ଭଙ୍ଗୁର ହୋଇଯାଏ। ଫଳରେ ସେହି ଗଣ୍ଠିରୁ ଗଛ ଭାଙ୍ଗିଯାଏ।

**ଗ) ଗଳା ମହିଷା :** କେଣ୍ଡା ତଳ ଅଂଶରେ ଧୂଷରରୁ କଳାରଙ୍ଗର ଦାଗ ଦେଖାଯାଏ। ଗଳା ଚାପି ହୋଇଯିବା ଫଳରେ କ୍ଷତ ହୋଇଥାଏ। ଏହି ଠାରୁ କେଣ୍ଡାଟି ଭାଙ୍ଗିପଡ଼େ। ଗଳା ମହିଷା ଦ୍ୱାରା କେଣ୍ଡା ସଅଳ ଆକ୍ରାନ୍ତ ହେଲେ ଦାନା ଫମ୍ପା ହୁଏ, ପରେ ହେଲେ ଦାନା ପୂର୍ଣ୍ଣ ଥାଏ।

### ପରିଚାଳନା

କ)     ଖରାଟିଆ ଚାଷ କରନ୍ତୁ।

ଖ)     କିଆରୀରୁ  ଅନାବନା ଘାସ ଓ ନଡ଼ା ମୂଳି ଗୁଡ଼ିକ ନଷ୍ଟ କରିଦିଅନ୍ତୁ।

ଗ)     ରୋଗ ସହଣୀ ଓ ପ୍ରତିରୋଧି କିସମ ବ୍ୟବହାର କରନ୍ତୁ

ଘ)     ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ ନକରି ଏହାକୁ ଥର ଥର କରି ପ୍ରୟୋଗ କରନ୍ତୁ     ।

ଙ)     ବିହନ ପ୍ରତି ୨ ଗ୍ରାମ କାର୍ବେଣ୍ଡାଜିମ ୫୦% ଡବ୍ଲୁ.ପି. କିମ୍ବା ୩ଗ୍ରାମ କାର୍ବୋକ୍ସିନ୍ ୩୭.୫%ଡବ୍ଲୁ.ପି. + ଥିରାମ ୩୭.୫%ଡବ୍ଲୁ.ପି. ଗୋଳାଇ ବିଶୋଧନ କରନ୍ତୁ।

ଚ)     ଏକର ପ୍ରତି ୨୦୦ ମି.ଲି. କାସୁଗାମାଇସିନ୍ ୩%ଏସ୍.ଏଲ୍. କିମ୍ବା ୧୨୫ଗ୍ରାମ୍ ଟ୍ରାଇସାଇକ୍ଲୋଜୋଲ ୭୫% ଡବ୍ଲୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ।

## ୯) ବାଦାମୀ ପତ୍ରଚିତା ରୋଗ



ଏହି ରୋଗ ପତ୍ର, ପତ୍ରାଚ୍ଛାଦ ଓ ଧାନରେ ଦେଖାଯାଏ। ପତ୍ରରେ ଗୋଟିଏ ବିନ୍ଦୁ ଠାରୁ ଆରମ୍ଭ କରି ଗୋଲାକାର ବା ଡିମ୍ବାକୃତି ଦାଗ ଦେଖାଯାଏ ଏବଂ ବାଦାମୀରୁ କଳା ବଦାମୀ ରଙ୍ଗର ହୋଇଥାଏ। ବେଳେବେଳେ ଫିକା ହଳଦୀ ରଙ୍ଗର ଦାଗ ଚାରିପଟେ ରହିଥିବାର ଦେଖାଯାଏ। ଧାନରେ କଳା ଦାଗ ଦେଖାଯାଏ ଏବଂ ଅତ୍ୟଧିକ ଆକ୍ରାନ୍ତ ହେଲେ ପୁରା ଧାନରେ କଳା ବାଦାମୀ ରଙ୍ଗର ମୁଲାୟମ ସ୍ତର ଦେଖାଯାଏ ଯେଉଁଥିରେ କି କବକ ରେଣୁ ଭର୍ତ୍ତି ହୋଇ ରହିଥାଏ। ଦାନା ବଙ୍କା, କୁଜା ଓ ବେରଙ୍ଗୀ ଦେଖାଯାଏ।

### ପରିଚାଳନା

କ) ନିରୋଳା ଓ ନିରୋଗା ବିହନ ବ୍ୟବହାର କରନ୍ତୁ।

ଖ) ବିହନ ବିଶୋଧନ କରି ବ୍ୟବହାର କରନ୍ତୁ।

ଗ) ଖରାଟିଆ ଚାଷ କରି ନଡ଼ା ମୂଳି ଗୁଡ଼ିକ ନଷ୍ଟ କରି ଦିଅନ୍ତୁ।

ଘ) ହିଡ଼ ସଫା କରି ଅନାବନା ଘାସ ଇତ୍ୟାଦି ନଷ୍ଟ କରିଦିଅନ୍ତୁ।

ଙ) ରୋଗ ପ୍ରତିରୋଧକ୍ଷମ ଓ ସହଣୀ କିସମ ବିହନ ବ୍ୟବହାର କରନ୍ତୁ।

ଚ) ଅଧିକ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ।

ଛ) ମାଙ୍କୋଜେବ୍ ୭୫% ଡବ୍ଲୁ.ପି. ୩ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୨ଗ୍ରାମ୍ କିମ୍ବା କ୍ଲୋରୋଥାଲୋନିଲ ୭୫% ଡବ୍ଲୁ.ପି. ୨ଗ୍ରାମ୍ କିମ୍ବା ପ୍ରପିକୋନାଜଲ୍ ୨୫% ଇ.ସି. ୧ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

## ୧୦) ପତ୍ରପୋଡା ରୋଗ



ଏହି ରୋଗ ହେଲେ ପତ୍ରର ଉଭୟ ପଟରେ ହଳଦିଆରୁ ନଡ଼ା ରଙ୍ଗର ଦାଗ ଦେଖାଦିଏ । ଏହ ଅଗରୁ ତଳକୁ ମାଡ଼ିଯାଏ ଓ ଢେଉ ଢେଉକା ଦେଖାଯାଏ । ଫସଲର ଫୁଲ ଅବସ୍ଥାରେ ପତ୍ରପୋଡା ଅଧିକ ହୋଇଥାଏ । ଅତ୍ୟଧିକ ଆକ୍ରାନ୍ତ ହେଲେ ପତ୍ର ଧୂଷର ବର୍ଣ୍ଣ ହୋଇ ସମ୍ପୂର୍ଣ୍ଣ ମୋଡି ହୋଇଯାଏ, ଖସିପଡ଼େ ଓ ପିଲ ଝାଉଁଳି ଯାଏ । ଆକ୍ରାନ୍ତ କାଣ୍ଡଟି ମଧ୍ୟ ନଷ୍ଟ ହୋଇଯାଏ ଏହାକୁ 'କ୍ରେସେକ' ଅବସ୍ଥା ବୋଲି କୁହାଯାଏ ।

### ପରିଚାଳନା

କ) ଖରାଟିଆ ଚାଷ କରି ନଡ଼ା ମୂଳିକୁ ନଷ୍ଟ କରିଦିଅନ୍ତୁ ।

ଖ) ରୋଗ ସହଣୀ ଓ ପ୍ରତିରୋଧି କିସମ ବ୍ୟବହାର କରନ୍ତୁ ।

ଗ) ଅତ୍ୟଧିକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ।

ଘ) ଆକ୍ରାନ୍ତ କିଆରୀରେ ଅଦଳ ବଦଳ କରି ପାଣି ଭର୍ତ୍ତି କରନ୍ତୁ ଓ ନିଷ୍କାସନ କରନ୍ତୁ ।

ଙ) ୧ଗ୍ରାମ ଷ୍ଟ୍ରେପଟୋମାଇସିନ ସଲଫେଟ୍ ୯୦% + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ ୧୦%କୁ ୧କି.ଗ୍ରା. ବିହନରେ ଗୋଳାଇ ବିଶୋଧନ କରନ୍ତୁ ।

ଚ) ଉପରୋକ୍ତ ରାସାୟନିକ ଉକ୍ତ ମାତ୍ରାରେ ପତ୍ରସିଞ୍ଚନ ମଧ କରନ୍ତୁ ।

ଜ) ପ୍ଲାଣ୍ଟୋମାଇସିନ ୧ଗ୍ରାମ + କପର ଅକ୍ସିକ୍ଲୋରାଇଡ୍ ୨ଗ୍ରାମ୍ ୧ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

## ୮) ପତ୍ରାଚ୍ଛଦପୋଡା ରୋଗ

ଗଛକୁ ପାଣି ଲାଗିବା ସ୍ଥାନରେ ବାହାର ପତ୍ରାଚ୍ଛଦରେ ପ୍ରଥମେ ଏହି ରୋଗ ଦେଖାଦିଏ । ଡିମ୍ବାକୃତି ସବୁଜ ରଙ୍ଗର ଦାଗ ଦେଖାଦିଏ । ପରେ ଧଳା ହୁଏ ଏବଂ ବେଳେ ବେଳେ ପତ୍ର ଫଳକ ପର୍ଯ୍ୟନ୍ତ ଲମ୍ବିଯାଏ । ସମ୍ପୂର୍ଣ୍ଣ ପତ୍ରାଚ୍ଛଦ ସଢ଼ିଯାଏ ଏବଂ ପତ୍ରକୁ ସହଜରେ ଟାଣି ବାହାର କରିହୁଏ । ଆକ୍ରାନ୍ତ ଅଂଶରେ ଧଳା ବା ଧୂସର ରଙ୍ଗର କବକରେଣୁ ଦେଖାଯାଏ । ଗଛ ଦବିଯାଏ ଓ ଦାନା ପୂରଣ ଠିକ୍ ଭାବେ ହୁଏ ନାହିଁ ।

### ପରିଚାଳନା



କ) ଖରାଟିଆ ଚାଷ କଲେ କବକ ପିଣ୍ଡ ଗୁଡ଼ିକ ନଷ୍ଟ ହୋଇଯାନ୍ତି ।

ଖ) ଧାନ କ୍ଷେତରୁ ନଡ଼ା ମୂଳି ଓ ଅନାବନା ଘାସ ନଷ୍ଟ କରିଦେବା ଉଚିତ୍ ।

ଗ) ରୋଗ ସହଣୀ ଓ ପ୍ରତିରୋଧି କିସମ ବ୍ୟବହାର କରନ୍ତୁ ।

ଘ) ପାଖା ପାଖି ନ ରୋଇ ଛାଡ଼ି ଛାଡ଼ି ରୋଇଲେ ରୋଗ ପ୍ରାଦୁର୍ଭାବ କମେ ।

ଙ) ଅଧିକ ଯବକ୍ଷାରଜାନ ସାର ନ ପକାଇ ଦେଖି ଚାହିଁ ପ୍ରୟୋଗ କରନ୍ତୁ ।

ଚ) ୨ଗ୍ରାମ କାର୍ବେଣ୍ଡାଜିମ ୫୦% ଡବ୍ଲୁ.ପି. କିମ୍ବା ୩ଗ୍ରାମ କାର୍ବୋକ୍ସିନ୍ ୩୭.୫% ଡବ୍ଲୁ.ପି. + ଥିରାମ ୩୭.୫୦% ଡବ୍ଲୁ.ପି. ୧କି.ଗ୍ରା. ବିହନ ସହ ଗୋଳାଇ ବିଶୋଧନ କରନ୍ତୁ ।

ଛ) ଏକର ପ୍ରତି ପ୍ରପିକୋନାଜଲ ୨୫% ଇ.ସି. ୨୦୦ମି.ଲି. କିମ୍ବା ହେକ୍ସାକୋନାଜଲ ୫% ଇ.ସି. ୨୦୦ମି.ଲି. କିମ୍ବା ମେଟାଲାକ୍ସିଲ ୩୫% ଡବ୍ଲୁ.ଏସ୍. ୪୦୦ମି.ଲି. ୨୦୦ ଲିଟର ପାଣିରେ ଗୋଳାଇ ପତ୍ରସିଞ୍ଚନ କରନ୍ତୁ ।

### ୮) ପତ୍ରାଚ୍ଛଦସଢ଼ା ରୋଗ

ଥୋଡ ପତ୍ର ବାହାରିବାର ଶେଷ ଅବସ୍ଥାରେ ଏହି ରୋଗ ଦେଖାଯାଏ । ଥୋଡ ପତ୍ରରେ ଏହି ରୋଗର ଲକ୍ଷଣ ଭାବେ ଆୟତାକୃତି ବା ଅନିୟମିତ ଦାଗ ଦେଖାଯାଏ ଯାହାର ମଝି ଅଂଶ ଧୂସର ଓ ଧାର ବାଦାମୀ ରଙ୍ଗ ହୋଇଥାଏ କିମ୍ବା ଦାଗର ସଂପୂର୍ଣ୍ଣ ଅଂଶ ଧୂସର ବାଦାମୀ ଦେଖାଯାଏ । ଅତ୍ୟଧିକ ଆକ୍ରାନ୍ତ ହେଲେ କେଣ୍ଡା ଆଶିଂକ ଭାବେ ଖୋଲି ଥାଏ । ଖୋଲି ନଥିବା କେଣ୍ଡା ସଢ଼ିଯାଏ । ଆଶିଂକ ଖୋଲା କେଣ୍ଡାରେ ଦାନା ଧରେ ନାହିଁ । ଧଳା କବକର ଗୁଣ୍ଡ ପତ୍ରାଚ୍ଛଦ ମଧ୍ୟରେ ଭର୍ତ୍ତି ହୋଇଥିବାର ଦେଖାଯାଏ ।

## ପରିଚାଳନା



କ) ନଡାମୂଳି ଚାଷ କରି ନଷ୍ଟ କରିଦିଅନ୍ତୁ ।

ଖ) ରୋଗ ସହଣୀ ଓ ପ୍ରତିରୋଧି କିସମ ବ୍ୟବହାର କରନ୍ତୁ ।

ଗ) କ୍ଷେତରେ ନିମ୍ବ ପିଡ଼ିଆ କରତ ଗୁଣ୍ଡ କିମ୍ବା ଅଗାଡି ବ୍ୟବହାର କଲେ ରୋଗ କମ୍ ହୁଏ ।

ଘ) ବିହନ ବିଶୋଧନ କରନ୍ତୁ ।

ଙ) ପଟାସ୍ ସାର ସଠିକ୍ ପରିମାଣରେ ବ୍ୟବହାର କରନ୍ତୁ ।

ଚ) ଭାଲିଡାମାଇସିନ୍ ୩% ଏଲ୍ ୨ମି.ଲି. କିମ୍ବା ପ୍ରପିକୋନାଜୋଲ ୨୫% ଇ.ସି. ୧ମି.ଲି. କିମ୍ବା ହେକସାକୋନାଜୋଲ ୫% ଇ.ସି. ୧ମି.ଲି. କିମ୍ବା କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୧.୫ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

## ୮) ମୂଳସଢ଼ା ରୋଗ



ଏହା ଏକ କବକ ଜନିତ ରୋଗ । ତଳି କିଆରୀରୁ ଆରମ୍ଭ କରି ଧାନ ଫୁଲ ଉଡାଇବା ସମୟ ମଧ୍ୟରେ ଏହି ରୋଗ ବିଶେଷ ଭାବେ ଦେଖାଯାଇଥାଏ । ତଳି କିଆରୀରେ ଏହି ରୋଗ ଦେଖାଦେଲେ ରୋଗାକ୍ରାନ୍ତ ଗଛର ମୂଳ ସଢ଼ି ଗଛଗୁଡ଼ିକ ହଳଦିଆ ପଡ଼ି ମରିଯାଆନ୍ତି । ଧାନ ରୋଇବା ପରେ ରୋଗକ୍ରାନ୍ତ ଗଛଗୁଡ଼ିକ ଦବିଯାଇ ସରୁଆ ଓ ଡେଙ୍ଗା ଡେଙ୍ଗା ହୋଇଯାଏ ଏବଂ ହଳଦିଆ ପଡ଼ିଯାଏ । ରୋଗାକ୍ରାନ୍ତ ଗଛର ମୂଳ ସଢ଼ିଯାଏ ଓ ଗଛ ଉପାଡ଼ି ଦେଖିଲେ

ଚେରଗୁଡ଼ିକ ପଚି କଳା ଦିଶେ। ଯେଉଁ ଆକ୍ରାନ୍ତ ଗଛଗୁଡ଼ିକ ଧାନ ପାଚିବା ପର୍ଯ୍ୟନ୍ତ ବଞ୍ଚି ରହନ୍ତି ସେଗୁଡ଼ିକରୁ ଅଗାଡିଆ କେଣ୍ଡା ବାହାରିଥାଏ।



### ପରିଚାଳନା

କ) ଖରାଟିଆ ଚାଷ କରନ୍ତୁ।

ଖ) କିଆରୀରେ ନଡାମୂଳି ଉପାଡ଼ି ନଷ୍ଟ କରିଦିଅନ୍ତୁ ଏବଂ ଅନାବନା ଘାସ ନଷ୍ଟ କରି କିଆରୀ ସଫା ସୁତୁରା ରଖନ୍ତୁ।

ଗ) ଅଧିକ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ।

ଘ) ବିହନ ବିଶୋଧନ କରନ୍ତୁ।

ଙ) ରୋଗ ସହଣୀ ଓ ପ୍ରତିରୋଧୀ କିସମ ବ୍ୟବହାର କରନ୍ତୁ।

ଚ) ତଳିଘରା ବା ମୁଖ୍ୟ କିଆରୀରେ ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପ୍ରତି ୫କି.ଗ୍ରା. ଟ୍ରାଇକୋଡର୍ମା ହାରଜିଆନମ୍ ୫୦କି.ଗ୍ରା. କମ୍ପୋଷ୍ଟ ଖତ ସହ ମିଶାଇ ମୁଖ୍ୟ କ୍ଷେତରେ ପ୍ରୟୋଗ କରନ୍ତୁ।

ଛ) ପ୍ରତି ଲିଟର ପାଣିରେ ୧ ଗ୍ରାମ୍ ବେନୋମିଲ ୫୦% ଡବ୍ଲୁ.ପି. + ୧ ଗ୍ରାମ୍ ଥିରାମ ୭୫% ଡବ୍ଲୁ.ପି. କିମ୍ବା ୩ଗ୍ରାମ ମେଟାଲାକ୍ସିଲ ୮% + ମାଙ୍କୋଜେବ୍ ୬୪% ଡବ୍ଲୁ.ପି. ଗୋଳାଇ ୭ଦିନ ଅନ୍ତରରେ ପତ୍ରସିଞ୍ଚନ କରନ୍ତୁ।

# ଚିନାବାଦାମ

## ୧) ଧୂଆଁ ପତ୍ର ଗୋଟି ପୋକ

ଏହା ଏକ ବହୁଭକ୍ଷୀ ପୋକ। ପ୍ରଜାପତି ଗୁଡ଼ିକ ବଳିଷ୍ଠ, ମଧ୍ୟମ ଆକାରର। କଅଁଳିଆ ପତ୍ରରେ ଏହା ମେଞ୍ଚା ମେଞ୍ଚା କରି ଅଣ୍ଡା ଦେଇଥାଏ ଏବଂ ବାଦାମୀ ହଳଦିଆ କେଶ ଦ୍ୱାରା ଏହାକୁ ଘୋଡ଼ାଇ ରଖିଥାଏ। ଛୋଟ ଶୂକଗୁଡ଼ିକ ଗାଢ଼ ସବୁଜ ରଙ୍ଗର ଓ ବଡ଼ ଶୂକ ଗୁଡ଼ିକ ଫିକା ସବୁଜ ବାଦାମୀ ରଙ୍ଗର। ଏହା ମାଟିରେ କୋଷା ଅବସ୍ଥା ସମ୍ପନ୍ନ କରିଥାଏ। ସଦ୍ୟଜନ୍ମ ହୋଇଥିବା ଶୂକଗୁଡ଼ିକ ଦଳବଦ୍ଧ ହୋଇ ପତ୍ରର ସବୁଜ ଅଂଶ କୋରି ଖାଆନ୍ତି। ପରବର୍ତ୍ତୀ

ସମୟରେ ପୋକ ଏକୁଟିଆ ରାତିରେ ପତ୍ର ଖାଆନ୍ତି ଏବଂ ଦିନରେ ଗଛ ମୂଳରେ ମାଟିରେ ଲୁଚି ରହନ୍ତି। ବେଳେବେଳେ ଏମାନେ ଅତିଶୟ ମାତ୍ରାରେ ଖାଇବା ଦ୍ୱାରା କେବଳ ପତ୍ରର ଡେଙ୍ଫ ଓ ଶିରାଗୁଡ଼ିକ ରହିଥାଏ। ଶୂକଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଗୋଟିଏ କ୍ଷେତରୁ ଅନ୍ୟ କ୍ଷେତକୁ ଧାଇଁ ଥାନ୍ତି। ହାଲୁକା ମାଟିରେ ଶୂକଗୁଡ଼ିକ ଫଳ ମଧ୍ୟରେ ପ୍ରବେଶ କରି ଖାଇଥାନ୍ତି।





## ପରିଚାଳନା

କ) ରାତିରେ ଆଲୋକ ଯନ୍ତା ବସାନ୍ତୁ କିମ୍ୱା ନିଆଁ ହୁଳା ଜାଳନ୍ତୁ।

ଖ) ଏକର ପ୍ରତି ୬-୮ଟି ଏହି ପୋକ ପାଇଁ ଉଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।

ଗ) ସୋୟାବିନ୍ ଓ ବରଗୁଡ଼ିକୁ ଯନ୍ତା ଫସଲ ଭାବେ ଚାଷ କରନ୍ତୁ।

ଘ) କେତୋଟି ଶାଖା ପ୍ରଶାଖା ଯୁକ୍ତ ଡାଳ କିଆରୀରେ ପୋତିଦେଲେ ପକ୍ଷୀମାନେ ତାହା ଉପରେ ଆଶ୍ରୟ ନିଅନ୍ତି ଏବଂ ପୋକମାନଙ୍କୁ ଖାଇଯାଆନ୍ତି।

ଙ) ହେକ୍ଟର ପ୍ରତି ଏନ୍.ପି.ଭି.୨୫୦ ଏଲ୍.ଇ. (ଶୂକ ସମତୁଲ) ପତ୍ର ସିଞ୍ଚା କରନ୍ତୁ।

ଚ) ଏକର ପ୍ରତି ୧୬୦ମି.ଲି ଡାଇଫ୍ଲୁବେଞ୍ଜୁରନ୍ ୨୫% ଡବ୍ଲୁ.ପି. କିମ୍ୱା ୪୦୦ମି.ଲି. ଟ୍ରାଇଆଜୋଫସ୍ ୪୦% ଇ.ସି.୨୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ।

## ୨) ପତ୍ରସୁଡ଼ଙ୍ଗୀ ପୋକ

ଏହା ଚିନାବାଦାମର ଏକ ମୁଖ୍ୟ ପୋକ। ପୂର୍ଣ୍ଣାଙ୍ଗ କୀଟଟି ଏକ କ୍ଷୁଦ୍ର ପ୍ରଜାପତି, ବାଦାମୀଧୂଷର ରଙ୍ଗର, ଡେଣାଗୁଡ଼ିକ ଝାଲେରୀଯୁକ୍ତ ଏବଂ ପଛପଟକୁ ଧଳାଦାଗ ଥାଏ। ମାଈ ପୋକ ଛୋଟ ଗୋଟିକିଆ ଧଳାଅଣ୍ଡା ପତ୍ରତଳେ ଦେଇଥାଏ। ସଦ୍ୟ ଜନ୍ମିତ ଶୂକ ପତ୍ରର ଅଧିଚର୍ମ ମଧ୍ୟରେ ପଶି ତନ୍ତୁଗୁଡ଼ିକ ଖାଇଯାଏ ଓ ବାଦାମୀରଙ୍ଗର ଅଙ୍କାବଙ୍କା ଖାଇବା ପଥ ସୃଷ୍ଟିକରେ। ପରବର୍ତ୍ତୀ ସମୟରେ ଦୁଇତିନୋଟି ପତ୍ର ଏକ ସଙ୍ଗେ ବାନ୍ଧି ଦେଇ ସେଥିରେ ମଳତ୍ୟାଗ କରିଥାଏ। ଏହା ମୋଡ଼ାପତ୍ର ମଧ୍ୟରେ ରହି କୋଷା ଅବସ୍ଥା ସମାପ୍ତ କରେ। ଅତିଶୟ ମାତ୍ରାରେ ଆକ୍ରାନ୍ତ

ହୋଇଥିବା ଫସଲ ଦୂରରୁ ପୋଡ଼ିଗଲା ଭଳି ଦେଖାଯାଏ। ବେଳେବେଳେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଏ। ବର୍ଷାଦିନେ ୨୦ ରୁ ୨୫ ଦିନ ଶୁଖିଲା ପାଗ ରହିଲେ ଓ ବର୍ଷା ପରେ ପରେ ଉତ୍ତପ୍ତ ଶୁଖିଲା ପାଗରେ ଏହି ପୋକର ଆକ୍ରମଣ ବଢ଼ିଯାଇଥାଏ।





### ପରିଚାଳନା

କ) ରାତିରେ ଆଲୋକ ଯନ୍ତା ବସାନ୍ତୁ କିମ୍ବା ନିଆଁ ହୁଳା ଜାଳନ୍ତୁ।

ଖ) ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ।

ଗ) ପରାଶ୍ରୟୀ କୀଟ ଟ୍ରାଇକୋଗ୍ରାମା କିମ୍ବା ବ୍ରାକନ୍ ପ୍ରଜାତି ଏକର ପ୍ରତି ୨୦,୦୦୦ ହିସାବରେ ଦୁଇଥର ୭ଦିନ ଅନ୍ତରରେ କିଆରୀରେ ଛାଡ଼ନ୍ତୁ।

ଘ) ଏକର ପ୍ରତି ୪୦୦ ମି.ଲି. ଡାଇମେଥୋଏଟ୍ ୩୦%ଇ.ସି. କିମ୍ବା ୪୦୦ମି.ଲି. ମିଥାଇଲ ଅକ୍ସିଡିମେଟନ୍ ୨୫%ଇ.ସି. କିମ୍ବା ୫୦ମି.ଲି. ଇମିଡାକ୍ଲୋପିଡ ୧୭.୮%ଏସ୍.ଏଲ୍. ୨୦୦ ଲିଟର ପାଣିରେ ଗୋଳାଇ ପତ୍ରସିଞ୍ଚନ କରନ୍ତୁ।

### ୩) ଉକୁଣିଆ ପୋକ



ବିଭିନ୍ନ ପ୍ରଜାତିର ଉକୁଣିଆ ପୋକ ଦେଖାଯାଆନ୍ତି। ଏମାନେ ବହୁଭକ୍ଷୀଜାତୀୟ, ଦେଖିବାକୁ ଖୁବ୍ ଛୋଟ, ନରମ ଏବଂ ଡେଣାଗୁଡ଼ିକ ଝାଲେରୀଯୁକ୍ତ। ମୋଡ଼ାପତ୍ର ଓ ଫୁଲ ମଧ୍ୟରେ ଲୁଚି ରହୁଥିବାରୁ ଏହା ସହଜରେ ଦେଖାଯାଏ ନାହିଁ। ଅଭାବ ଏବଂ ପୂର୍ଣ୍ଣାଙ୍ଗ ପୋକ ପତ୍ରକୁ କୋରି ରସ ଶୋଷଣ କରନ୍ତି। ପତ୍ରର ତଳ ପଟେ ଧଳାଦାଗମାନ ଦେଖାଯାଏ ଏବଂ କଅଁଳ ପତ୍ରଗୁଡ଼ିକ

ଲୋଚାକୋଚା ହୋଇଯାଏ । ଅତ୍ୟଧିକ ମାତ୍ରାରେ ଆକ୍ରମଣ ହେଲେ ଗଛ ରୁଗୁଡ଼ିଆ ହୋଇଯାଏ ।



### ପରିଚାଳନା

କ) ରାତିରେ ଆଲୋକ ଯନ୍ତା ବସାନ୍ତୁ କିମ୍ବା ନିଆଁ ହୁଳା ଜାଳନ୍ତୁ ।

ଖ) ନିମ୍ବ ଆଧାରିତ ବିଷ ପ୍ରୟୋଗ କରନ୍ତୁ ।

ଗ) ଏକର ପ୍ରତି ୪୦୦ ମି.ଲି. ଡାଇମେଥୋଏଟ୍ ୩୦% ଇ.ସି. କିମ୍ବା ୪୦୦ ମି.ଲି. ମିଥାଇଲ୍ ଅକ୍ସିଡମେଟନ୍ ୨୫% ଇ.ସି. କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୨୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ ।

## ୪) ପତ୍ରଡିଆଁ ପୋକ



ପ୍ରାପ୍ତ ବୟସ୍କ ପୋକ ହଳଦିଆ ସବୁଜ ରଙ୍ଗର, ପ୍ରାୟ ୩ ମି.ମି. ଲମ୍ବ, ଫିକା ସବୁଜ ଡେଣାଯୁକ୍ତ, ପଛପଟ ସାମାନ୍ୟ ଧୂସର ରଙ୍ଗ । ଏମାନେ ପତ୍ରର ତଳଭାଗରେ ବସନ୍ତି ଓ ପତ୍ରରୁ ରସ ଶୋଷି ନିଅନ୍ତି । କଅଁଳିଆ ଗଛର ପତ୍ରଗୁଡ଼ିକ ଶେତା ପଡ଼ିଯାଏ । ଏହି ପୋକ ଅଧିକ ସଂଖ୍ୟାରେ ଦେଖାଗଲେ ପତ୍ରର ଧାର ହଳଦିଆ ପଡ଼ିଯାଏ ଓ କ୍ରମଶଃ ପତ୍ରଗୁଡ଼ିକ ପୋଡ଼ିଗଲା ପରି ଦେଖାଯାଏ । ଏହି ପୋକ ଦ୍ୱାରା ମଧ୍ୟ ମଧୁଶିଶିର ସୃଷ୍ଟିହୋଇ ଗଛର ଖାଦ୍ୟ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ।

### ପରିଚାଳନା

ଏହି ପୋକର ପରିଚାଳନା ଉକୁଣିଆ ପୋକର ପରିଚାଳନା ସହ ସମାନ ।

## ୫) ଉଇ

ଏହା ମାଟି ଭିତରେ ରହୁଥିବା ଏକ କୀଟ । ଏମାନେ ହୁଙ୍କା ମଧ୍ୟରେ ଏକତ୍ର ବାସ କରନ୍ତି । ହୁଙ୍କା ମଧ୍ୟରେ ଶ୍ରମିକ, ରାଜା, ରାଣୀ ଏହି ଭଳି ତିନି ପ୍ରକାର ଉଇ ଥାଆନ୍ତି । ରାଣୀ ଉଇ ଅନେକ ବର୍ଷ ବଞ୍ଚି ରହି ହଜାର ହଜାର ଅଣ୍ଡା ଦିଏ ଓ ଏଥିରୁ ଉଇ ବାହାରନ୍ତି । ଏହି ଉଇମାନେ ଗଛର ମୁଖ୍ୟ ଚେର କାଟି ଦିଅନ୍ତି ଓ କଣାକରି କାଣ୍ଡ ପର୍ଯ୍ୟନ୍ତ ପଶି

ଆସନ୍ତି । ଗଛର କଅଁଳ ଅଂଶକୁ କୋରି ଖାଇଯାନ୍ତି ଓ ସମୟେ ସମୟେ କଣା ମଧ୍ୟ କରିଦିଅନ୍ତି । ଫଳରେ ଏକ ପ୍ରକାର କବକ ଦ୍ୱାରା ଫଳଗୁଡ଼ିକ ଆକ୍ରାନ୍ତ ହୋଇ ଫଳ ପଚା ରୋଗ ହୁଏ । ଏମାନଙ୍କର ଆକ୍ରମଣ ଯୋଗୁ ଫଳ ଭିତରେ ବାଲି ଓ ମାଟି ଦେଖାଯାଏ ।





## ପରିଚାଳନା

କ) ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇରିଫସ ୨% ଡି.ପି. ଗୁଣ୍ଡ ଶେଷ ଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ ।

ଖ) ଗଛ ଥିବା ସମୟରେ ଏକ ଲିଟର ପାଣିରେ ୪ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ମିଶାଇ ମାଟି ଭିଜା କଲେ ଉଇ ନିୟନ୍ତ୍ରଣ ହୋଇଥାଏ ।

## ୬) ଧବଳ ଭୃଙ୍ଗ

ଏହା ଖରିଫ୍ ଚିନାବାଦାମକୁ ବ୍ୟାପକ ଭାବରେ କ୍ଷତି କରୁଥିବା ଏକ ଅପକାରୀ କୀଟ । ପ୍ରଥମ ବର୍ଷା ପରେ ମାଟିରେ ଲୁଚି ରହିଥିବା ଭୃଙ୍ଗ ଗୁଡ଼ିକ ସନ୍ଧ୍ୟା ସମୟରେ ବାହାରକୁ ବାହାରି ଆସି ଜମି ନିକଟରେ ଥିବା ବରକୋଳି, ବବୁଲ, ଆକାସିଆ, ନିମ୍ବ ଆଦି ଗଛରେ ବସନ୍ତି । ପରଦିନ ସକାଳୁ ଏମାନେ ଜମି ମାଟିରେ ପ୍ରବେଶ କରି ଲୁଚିଯାନ୍ତି ଓ ଅଣ୍ଡା ଦିଅନ୍ତି । ଅଣ୍ଡାଫୁଟି ଭୃଙ୍ଗଗୁଡ଼ିକ ବାହାରନ୍ତି । ପୂର୍ଣ୍ଣାଙ୍ଗ ଭୃଙ୍ଗଗୁଡ଼ିକ ୫୦-୬୦ମି.ମି. ଲମ୍ବ, ମୋଟା, ମୁଣ୍ଡଟି ହଳଦିଆ ରଙ୍ଗ, ମୁଣ୍ଡ ଅଗ୍ରଭାଗରେ ଶକ୍ତ ପାଟି ଥାଏ । ଅଗ୍ରଭାଗରେ ତିନିଯୋଡ଼ା ଗୋଡ଼ ଥାଏ । ଶରୀର ଇଂରାଜି





ଅକ୍ଷର ସି (C) ଆକାର ହୋଇଥାଏ । ମଧ୍ୟଭାଗ ଈଷତ୍ ଧଳା ଓ ପଛଭାଗ ଧୂସର ରଙ୍ଗର ହୋଇଥାଏ । ଏମାନେ ମାଟିତଳେ ରହି ଗଛର ଚେରକାଟି ଖାଇଯାଆନ୍ତି । ଅପରାହ୍ନରେ ଗଛ ଝାଉଁଳି ଯିବା ଓ ରାତିରେ ପୁଣି ସତେଜ ହେବା ଚିହ୍ନିବାର ଏକ ପ୍ରଧାନ ଲକ୍ଷଣ । ଜମିରେ ଗଛଗୁଡ଼ିକ ମନ୍ଦା ମନ୍ଦା ହୋଇ ମରିଯାଏ ।

## ପରିଚାଳନା

ଉଈର ପରିଚାଳନା ସହ ଏହାର ପରିଚାଳନା ସମାନ ।

## ୭) ବେକ ସଢ଼ା ରୋଗ





ମୂଳପାଖରୁ ଗଛର କାଣ୍ଡ ସଢ଼ିଯାଇ ତା ଉପରେ କବକ ମାଡ଼ିଯାଏ । ଗଛ ହଳଦିଆ ପଡ଼ିଯାଏ ଓ ପରେ ସଢ଼ାମୂଳଟି କଳା ଦେଖାଯାଏ । ବେଳେ ବେଳେ ଫଳମୂଳ ଓ ମାଟିଭିତରେ ଥିବା ଓହଳ ମଧ୍ୟ ଆକ୍ରାନ୍ତ ହୋଇଥାଏ । ଅଧିକ ଆକ୍ରାନ୍ତ ଗଛଟି ମରିଯାଏ । ଛୋଟ ଛୋଟ ସୋରିଷ ମଞ୍ଜିଭଳି କବକ ଗଛ ମୂଳରେ ମାଟିଉପରେ ଦେଖାଯାଏ । ଆକ୍ରାନ୍ତ ଫଳ ଭିତରେ ମଞ୍ଜିଗୁଡ଼ିକରେ କଳାଛାପ ହୋଇଯାଏ । ସାଧାରଣତଃ ଖରା ଓ ବର୍ଷାପାଗ ଅଦଳବଦଳ ହୋଇ ଅନୁଭୂତ ହେଲେ ଏହି ରୋଗ ଅଧିକ ହୁଏ ।

## ପରିଚାଳନା

କ) ଗଭୀର ଭାବେ ୩ / ୪ ଓଡ଼ ଖରାଟିଆ ଚାଷ କରନ୍ତୁ ।

ଖ) ପୂର୍ବ ଫସଲର ଅବଶିଷ୍ଟାଂଶ, ଶୁଖିଲା ପତ୍ର ଇତ୍ୟାଦି ସଫା କରିଦିଅନ୍ତୁ ଏବଂ କିଆରୀକୁ ସର୍ବଦା ପରିଷ୍କାର ରଖନ୍ତୁ ।

ଗ) ରୋଗର ସହନଶୀଳ / ପ୍ରତିରୋଧୀ କିସମ ବିହନ ଚାଷ କରନ୍ତୁ ।

ଘ) ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ୍ ୫୦%ଡବ୍ଲୁ.ପି. କିମ୍ବା ୩ ଗ୍ରାମ ଥିରାମ ୭୫%ଡବ୍ଲୁ.ପି. କିମ୍ବା ୨.୫ଗ୍ରାମ ବେନୋମିଲ ୫୦%ଡବ୍ଲୁ.ପି. କିମ୍ବା ୧.୫ଗ୍ରାମ ଥାୟୋଫେନେଟ୍ ମିଥାଇଲ ୭୦%ଡବ୍ଲୁ.ପି. ମିଶାଇ ବିଶୋଧନ କରନ୍ତୁ ।

ଙ) ରୋଗ ଦେଖାଦେଲେ ପ୍ରତି ୧ ଲିଟର ପାଣିରେ ୩ଗ୍ରାମ ଥିରାମ ୭୫%ଡବ୍ଲୁ.ପି. ବା ୩-୫ଗ୍ରାମ କପର ଅକ୍ସିକ୍ଲୋରାଇଡ଼ ୫୦%ଡବ୍ଲୁ.ପି. ମିଶାଇ ଗଛମୂଳକୁ ସିଞ୍ଚନ କରନ୍ତୁ ।

## ୮) ଟୀକା (ପତ୍ରଚିତା) ରୋଗ

**କ) ସଅଳ ଟୀକା ରୋଗ** - ଚିନାବାଦାମ ଫସଲ ଲଗାଇବାର ଏକ ମାସ ପରେ ଏହି ରୋଗ ଦେଖାଯାଏ। ପ୍ରଥମେ ପତ୍ରର ଉପରିଭାଗରେ ବାଦାମୀ କିମ୍ବା କଳାରଙ୍ଗର ଦାଗମାନ ଦେଖାଯାଏ। ପତ୍ରର ଠିକ୍ ତଳେ ଅଳ୍ପ ଧୂସର ରଙ୍ଗର ଦାଗମାନ ସୃଷ୍ଟି ହୁଏ। ଏହି ଦାଗ ଗୁଡ଼ିକ ଅନିୟମିତ ଆକାରରୁ ଗୋଲାକାର ହୁଏ। ପରେ ଏହା ପତ୍ରଡେମ୍ଫ ଓ ଗଛର ଅନ୍ୟ ଅଂଗକୁ ବ୍ୟାପିଯାଏ। ଅଧିକ ଆକ୍ରାନ୍ତ ଗଛରୁ ପତ୍ର ଝଡ଼ିପଡ଼େ ଓ ଗଛର ବୃଦ୍ଧି ସହିତ ଚିନାବାଦାମର ଅମଳ କମିଯାଏ। ଚିନାବାଦାମ ମଞ୍ଜିରେ ମଧ ରୋଗର ଲକ୍ଷଣ ଦେଖାଯାଏ ଓ ମଞ୍ଜି ଶୁଖି ମୁରୁକୁଟିଆ ହୋଇଯାଏ।



**ଖ) ଉଚ୍ଛୁର ଟୀକାରୋଗ-** ଖରିଫ୍ ଋତୁରେ ମଞ୍ଜି ଲଗାଇବାର ୫୫-୫୭ଦିନ ପରେ ଓ ରବି ଋତୁରେ ୪୨-୪୬ ଦିନ ପରେ ପତ୍ରର ତଳପଟେ ଗାଢ଼ କଳା ଦାଗ ଦେଖାଯାଏ। ପରେ ଅଧିକ ଦାଗ ମିଶିଯାଇ ସମ୍ପୂର୍ଣ୍ଣ ପତ୍ରକୁ ମାଡ଼ିଯାଏ। ଅଧିକ ଆକ୍ରାନ୍ତ ହେଲେ ପତ୍ର ଡେମ୍ଫ ଓ କାଣ୍ଡକୁ ବ୍ୟାପିଯାଏ ଓ ପରେ ପତ୍ରଗୁଡ଼ିକ ଝଡ଼ିପଡ଼େ। ଫଳରେ ଫସଲର ବୃଦ୍ଧି ଓ ଅମଳ କମିଯାଏ।

### ପରିଚାଳନା

କ) ଗଭୀର ଭାବେ ୩/୪ ଓଡ଼ ଖରାଟିଆ ଚାଷ କରନ୍ତୁ।

ଖ) ପୂର୍ବ ଫସଲର ଅବଶିଷ୍ଟାଂଶ, ଶୁଖିଲା ପତ୍ର ଇତ୍ୟାଦି ସଫା କରିଦିଅନ୍ତୁ ଏବଂ କିଆରୀକୁ ସର୍ବଦା ପରିଷ୍କାର ରଖନ୍ତୁ।

ଗ) ରୋଗର ସହନଶୀଳ/ ପ୍ରତିରୋଧୀ କିସମ ବିହନ ଚାଷ କରନ୍ତୁ।

ଘ) ପ୍ରତି ଲିଟର ପାଣିରେ ୨ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ୫୦%ଡବ୍ଲୁ.ପି. କିମ୍ବା ୩ଗ୍ରାମ ମାଙ୍କୋଜେବ ୭୫%ଡବ୍ଲୁ.ପି. କିମ୍ବା ୧.୫ଗ୍ରାମ ଥାୟୋଫେନେଟ୍ ମିଥାଇଲ ୭୦%ଡବ୍ଲୁ.ପି. କିମ୍ବା ୧ଗ୍ରାମ କାର୍ବେଣ୍ଡାଜିମ ୧୨%ଡବ୍ଲୁ.ପି. ଓ ମାଙ୍କୋଜେବ୍ ୬୩%ଡବ୍ଲୁ.ପି.ର ମିଶ୍ରଣ ପତ୍ର ସିଞ୍ଚନ କରନ୍ତୁ।

# ହରଡ଼

## ୧) ଛୁଇଁବିନ୍ଧା ପୋକ

ହେଲିକୋଭର୍ପା ସମେତ ୬ପ୍ରକାରରୁ ଅଧିକ ପୋକ ହରଡ଼ ଫସଲର ଛୁଇଁକୁ ଆକ୍ରମଣ କରିଥାଆନ୍ତି। ହେଲିକୋଭର୍ପା ହରଡ଼ ଫସଲର ବିଶେଷ କ୍ଷତି କରିଥାଏ। ଏହାର ମାଇପୋକ ସାଧାରଣତଃ ପତ୍ରର ଉପରିଭାଗ, ଫୁଲ, ଫଳ ଓ କାଣ୍ଡରେ ଗୋଟି ଗୋଟି କରି ଧଳା ଅଣ୍ଡା ଦେଇଥାଏ। ଅଣ୍ଡାରୁ ବାହାରିଥିବା କ୍ଷୁଦ୍ର ଶୂକ ପ୍ରଥମେ ଗଛର ସବୁଜ ଅଂଶ କୋରି ଖାଇଥାଏ। ଶୂକ ଶାଖା ପତ୍ରଗୁଡ଼ିକର ବଡ଼ ଶିରାଗୁଡ଼ିକୁ ଛାଡି ଅବଶିଷ୍ଟ ଅଂଶକୁ ଖାଇଦେଇଥାଏ। ଫଳରୁ ବଢୁଥିବା ମଞ୍ଜିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଖାଇଦିଏ। ପୂର୍ଣ୍ଣବର୍ଦ୍ଧିତ ଶୂକ ଦେଖିବାକୁ ବିଭିନ୍ନ ରଙ୍ଗର ଯଥା- ହଳଦିଆ, ସବୁଜ, ଈଷତ, ନାଲି, କମଳା, ମାଟିଆ ଓ କଳା। ଏହାର ଶରୀରର ଉଭୟ ପାର୍ଶ୍ୱରେ ଧଳା ଓ କଳା ଗାରମାନ ଥାଏ। ଶୂକ ମାଟିତଳେ କିମ୍ବା ଗଛର ଶୁଖିଲା ପତ୍ରରେ କୋଷା ଅବସ୍ଥା ସମାପ୍ତ କରେ। ଏହି ପୋକର ଆକ୍ରମଣ ଯୋଗୁ ବେଳେ ବେଳେ ୭୦ ରୁ ୯୦ ଶତାଂଶ ଯାଏ ଛୁଇଁ ନଷ୍ଟ ହୋଇଥାଏ। ମଧ୍ୟମ ଅବଧିର ହରଡ଼ କିସମ ଏ ପୋକ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥାଏ।

### ପରିଚାଳନା

କ) ଗହୀରିଆ ଖରାଟିଆ ଚାଷ ୩/୪ ଓଡ଼ କରନ୍ତୁ।

ଖ) ଫୁଲ ଆସିବା ପର ଠାରୁ ଏକର ପ୍ରତି ୬-୮ଟି ଏହି ପୋକ ପାଇଁ ଉଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ୍) ଲଗାନ୍ତୁ ।

ଗ) ପ୍ରତି ୧୦ ଦିନରେ ଥରେ ଟ୍ରାଇକୋଗାମା ଅଣ୍ଡା ପରାଶ୍ରୟୀ କୀଟ ଏକର ପ୍ରତି ୨୦,୦୦୦ ହିସାବରେ ଛାଡ଼ନ୍ତୁ।

ଘ) ନିମ୍ବ ଆଧାରିତ ବିଷ ପ୍ରୟୋଗ କରନ୍ତୁ।

ଙ) ଏନ୍.ପି.ଭି. ହେକ୍ଟର ପ୍ରତି ୨୫୦ଏଲ୍.ଇ. (ଶୂକ ସମତୁଲ) ପ୍ରୟୋଗ କରନ୍ତୁ।



ଚ)	ପ୍ରତି ଲିଟର ପାଣିରେ ୨ଗ୍ରାମ ହିସାବରେ 'ବ୍ୟାସିଲସ୍ ଥୁରିଜିଏନ୍‌ସିସ୍' ବୀଜାଣୁ ଫସଲରେ ସିଞ୍ଚନ କରନ୍ତୁ ।

ଛ)	ପ୍ରତି ଲିଟର ପାଣିରେ ୨ମି.ଲି. ହିସାବରେ ଡାଏମେଥୋଏଟ୍ ୩୦%ଇ.ସି. କିମ୍ବା ଇଣ୍ଡୋକ୍ସାକାର୍ବ ୧୪.୫% ଏସ୍.ସି.ଏକର ପ୍ରତି ୧୬୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ଏକର ପ୍ରତି ୨୦୦ ମି.ଲି. ହିସାବରେ ପତ୍ର ସିଞ୍ଚନ କରନ୍ତୁ ।

## ୨)	ଛୁଇଁ ଶୋଷକ ପୋକ



'କ୍ଲାଭିଗ୍ରାଲା ଗିବୋସା' ଓ 'ରିପଟୋରଟସ ପେଡେସ୍ଟ୍ରିସ' ନାମକ ଦୁଇଟି ମୁଖ୍ୟ ଶୋଷକ ପୋକ ହରଡ଼ ଫସଲକୁ ଆକ୍ରମଣ କରିଥାନ୍ତି । ଏମାନେ ଫଳ ଉପରେ ବା କଅଁଳିଆ ଅଂଶରେ ମେଞ୍ଚାରେ ଧାଡ଼ି କରି ଅଣ୍ଡା ଦେଇଥାନ୍ତି । ଅଣ୍ଡାରୁ ବାହାରୁଥିବା ଅର୍ଭକ କେବଳ କଅଁଳ ଛୁଇଁ ମଞ୍ଜିରୁ ରସ ଶୋଷି ଖାଆନ୍ତି । ଫଳରେ ଆକ୍ରାନ୍ତ ଛୁଇଁର ମଞ୍ଜି ଶୁଖିଯାଏ । ତାହା ଖାଦ୍ୟ ଅନୁପଯୋଗୀ ହେବା ସହିତ ସେଥିରୁ ଗଛ ମଧ୍ୟ ହୁଏ ନାହିଁ । ଛୋଟ ଓ ବଡ଼ପୋକ ଅନେକ ସଂଖ୍ୟାରେ ଫଳ ଉପରେ ଲାଗି ରହି ରସ ଶୋଷି ଖାଆନ୍ତି ।

### ପରିଚାଳନା

କ)	ଗହୀରିଆ ଖରାଟିଆ ଚାଷ ୩/୪ ଓଡ଼ କରନ୍ତୁ ।

ଖ)	ଏକର ପ୍ରତି ୧୦ଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ ।

ଗ)	ନିମ୍ବ ଆଧାରିତ ବିଷ ପ୍ରୟୋଗ କରନ୍ତୁ ।

ଘ)	ପ୍ରତି ଲିଟର ପାଣିରେ ୨ମି.ଲି. ଡାଇମେଥୋଏଟ୍ ୩୦%ଇ.ସି. କିମ୍ବା ପ୍ରତି ୧୦ ଲିଟର ପାଣିରେ ୫ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮%ଏସ୍.ଏଲ୍. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

# ମୁଗ / ବିରି

## ୧) କାଳିମୁଣ୍ଡି ପୋକ





ଏହି ପୋକମାନେ ମୁଗ/ବିରି ଫସଲର ପ୍ରଭୂତ କ୍ଷତି ଘଟାନ୍ତି । ମା'ପୋକ ଗଛରେ କୋମଳ ପତ୍ର ଉପରେ ୫୦ ରୁ ୨୦୦ ପର୍ଯ୍ୟନ୍ତ ଅଣ୍ଡା ଗୁଚ୍ଛ ଆକାରରେ ଦେଇ କେଶ ଦ୍ୱାରା ଆଚ୍ଛାଦିତ କରି ରଖେ । ଅଣ୍ଡାଗୁଡ଼ିକ ୨ ରୁ ୮ ଦିନ ମଧ୍ୟରେ ଫୁଟି ଏଥିରୁ କାଳିମୁଣ୍ଡିଆ ଶୂକମାନେ ବାହାରନ୍ତି । ଶୂକ ଅବସ୍ଥାରେ ୧୦-୩୦ ଦିନ ପର୍ଯ୍ୟନ୍ତ ରହି କୋଷାରେ ପରିଣତ ହୁଅନ୍ତି । ଏହାର ଶୂକଗୁଡ଼ିକ ରାତ୍ରିରେ ସକ୍ରିୟ ହୋଇ ପତ୍ରଗୁଡ଼ିକ କଣା କରି ଖାଇ ଦିଅନ୍ତି । ଦିନବେଳେ ଏମାନେ ଗଛର ମୂଳରେ କିମ୍ବା କିଆରୀରେ ଥିବା ଫାଟ ମଧ୍ୟରେ ଲୁଚିରହନ୍ତି । ଏମାନେ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଦଳବଦ୍ଧ ଭାବେ ଫସଲକୁ ଆକ୍ରମଣ କରି ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଅନ୍ତି ।

### ପରିଚାଳନା

କ) ଆଲୋକଯନ୍ତା, ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରି ପୂର୍ଣ୍ଣାଙ୍ଗ କୀଟ ସଂଗ୍ରହ କରି ନଷ୍ଟ କରିଦେବା ଉଚିତ କିମ୍ବା ରାତିରେ ନିଆହୁଳା ଜାଳନ୍ତୁ ।

ଖ) ଆକ୍ରମଣ ଅଧିକ ହେଲେ କ୍ଲୋରୋପାଇରିଫସ୍ ୧.୫% କିମ୍ବା ମିଥାଇଲ ପାରାଥିଅନ୍ ୨%ଗୁଣ୍ଡ ହିଡ଼ରେ ବହଳିଆ ଭାବେ ବିଞ୍ଚି ଦିଅନ୍ତୁ ।

ଗ) କିଆରୀ ମଧ୍ୟରେ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ମିଥାଇଲ ପାରାଥିଅନ ୨୫% ଇ.ସି. ୨୦୦ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

## ୨) ଜଉପୋକ



ଏହା ଏକ ଶୋଷକ ଜାତୀୟ ପୋକ। ପୂର୍ଣ୍ଣାଙ୍ଗ କୀଟ ଓ ଅର୍ଭକମାନେ ଏକାଠି ମେଞ୍ଚା ମେଞ୍ଚା ହୋଇ ରହନ୍ତି ଏବଂ ପତ୍ର ତଳପାଖ ଫୁଲ ଓ ନରମ କାଣ୍ଡରୁ ରସ ଶୋଷି ଖାଆନ୍ତି। ଗଛ ଭଲଭାବେ ବଢ଼ି ନ ପାରି ରୁଗୁଡ଼ିଆ ହୋଇଯାଏ। ଗଛରେ ଏମାନଙ୍କ ମଳରେ ଏକ ପ୍ରକାର କଳା କବକ ମାଡ଼ିଯାଇ ଖାଦ୍ୟ ରନ୍ଧନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ। ଫୁଲ ଝଡ଼ି ଯାଏ, ପତ୍ରଗୁଡ଼ିକ ଲୋଚାକୋଚା ହୁଏ ଓ ଗଛ ବଢ଼େ ନାହିଁ।

### ପରିଚାଳନା



କ) ଗଭୀର ଭାବେ ୨/୩ ଓଡ଼ ଖରାଟିଆ ଚାଷ କରନ୍ତୁ।

ଖ) କ୍ଷେତରେ କାଇଁଚ ପୋକ ଅଧିକ ମାତ୍ରାରେ ଥିଲେ କୀଟନାଶକ ପ୍ରୟୋଗ ବିଳମ୍ବ କରିବା ଉଚିତ୍।

ଗ) ନିମ୍ବ ଆଧାରିତ ବିଷ ପ୍ରୟୋଗ କରନ୍ତୁ।

ଘ) ଏକର ପ୍ରତି ୪୦୦ମି.ଲି. ଡାଇମୋଥୋଏଟ୍ ୩୦%ଇ.ସି.କିମ୍ବା ୪୦୦ମି.ଲି. ମିଥାଇଲ ଅକ୍ସିଡିମେଟନ୍ ୨୫%ଇ.ସି. କିମ୍ବା ୫୦ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮%ଏସ୍.ଏଲ୍. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ୩) ଉକୁଣିଆ / ପତ୍ରଡିଆଁ ପୋକ

ଚିନାବାଦାମଫସଲରେ ବର୍ଣ୍ଣିତ ପୋକ ଚିହ୍ନିବାର ଉପାୟ, କ୍ଷତିର ଲକ୍ଷଣ ଏବଂ ପରିଚାଳନା ପଦ୍ଧତି ଅନୁସରଣ କରନ୍ତୁ।

## ୪) ଧଳାମାଛି

ଏହା ପତ୍ର ଉପରେ ଚକ୍‌ଖଡ଼ି ଗୁଣ୍ଡ ପଡ଼ିଥିବା ଭଳି ଦେଖାଯାଏ । ଡାଳପତ୍ରକୁ ସାମାନ୍ୟ ହଲାଇ ଦେଲେ ଏମାନେ ଉଡିଯାଆନ୍ତି । ପ୍ରଥମେ ପତ୍ରର ତଳ ଭାଗରେ ଦେଖାଯାନ୍ତି । ସଂଖ୍ୟା ବଢ଼ିଗଲେ ଉପର ପତ୍ରକୁ ମଧ ଚାଲି ଆସନ୍ତି । ପତ୍ରରୁ ରସ ଶୋଷଣ କରିବା ଦ୍ୱାରା ପତ୍ରଗୁଡ଼ିକ ପୋଡିଗଲା ଭଳି ଦେଖାଯାଏ । ଏମାନେ ସାହେବୀ ରୋଗର ବାହକ ।





### ପରିଚାଳନା

ଜଉପୋକର ପରିଚାଳନା ବ୍ୟବସ୍ଥା ଅନୁସରଣ କରନ୍ତୁ ।

## ୫) ଛୁଇଁବିନ୍ଧା ପୋକ

ଏହି ପୋକର ଶୂକ ଅବସ୍ଥା ମୁଗ ଓ ବିରି ଫସଲର ପ୍ରଭୂତ କ୍ଷତି କରିଥାଏ । ଛୋଟ ଶୂକ ଗୁଡ଼ିକ ଗାଢ଼ ସବୁଜ ରଙ୍ଗର ଓ ବଡ଼ଶୂକଗୁଡ଼ିକ ଫିକା ସବୁଜ ବାଦାମୀ ରଙ୍ଗର । ସଦ୍ୟଜନ୍ମିତ ଶୂକଗୁଡ଼ିକ ଦଳବଦ୍ଧ ଭାବରେ ପତ୍ରର ସବୁଜ ଅଂଶ କୋରି ଖାଇବା ସଙ୍ଗେ ସଙ୍ଗେ ଛୁଇଁକୁ ମଧ କଣା କରି ଖାଇଥାଆନ୍ତି । ପରବର୍ତ୍ତୀ ଅବସ୍ଥାରେ ପୋକ ଏକୁଟିଆ ରାତିରେ ପତ୍ର ଓ ଛୁଇଁ ଖାଆନ୍ତି ଏବଂ ଦିନରେ ଗଛ ମୂଳରେ ମାଟିରେ ଲୁଚି ରହିଥାନ୍ତି । ଶୂକଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଗୋଟିଏ କ୍ଷେତରୁ ଅନ୍ୟ କ୍ଷେତକୁ ଯାଇଥାନ୍ତି ।



## ପରିଚାଳନା



କ)	ଗଭୀର ଭାବେ ୨ / ୩ ଓଡ଼ ଖରାଟିଆ ଚାଷ କରନ୍ତୁ ।

ଖ)	ରାତିରେ ଆଲୋକ ଯନ୍ତା ବସାନ୍ତୁ କିମ୍ବା ନିଆଁ ହୁଳା ଜାଳନ୍ତୁ ।

ଗ)	ନିମ୍ବ ଆଧାରିତ ବିଷ ପ୍ରୟୋଗ କରନ୍ତୁ ।

ଘ)	ଏକର ପ୍ରତି ୬-୮ଟି ଏହି ପୋକ ପାଇଁ ଉଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ ।

ଙ)	ଏକର ପ୍ରତି ୧୬୦ମି.ଲି. ଡାଇଫ୍ଲୁବେଞ୍ଜୁରନ୍ ୨୫% ଡବ୍ଲୁ.ପି. କିମ୍ବା ୪୦୦ ମି.ଲି. ଟ୍ରାଇଆଜୋଫସ୍ ୪୦% ଇ.ସି.୨୦୦ ଲିଟର ପାଣିରେ ଗୋଳାଇ ପତ୍ରସିଞ୍ଚନ କରନ୍ତୁ ।

## ୬)	ପାଉଁଶିଆ ରୋଗ

ଏହି ରୋଗ 'ଏରିସିଫେ ପଲିଗୋନି' ନାମକ କବକ ଦ୍ୱାରା ସଂକ୍ରମିତ ହୋଇଥାଏ । ଏହି ରୋଗ ହେଲେ ପତ୍ରଗୁଡ଼ିକ ଧଳା ଓ ପାଉଁଶିଆ ରଙ୍ଗ ଦେଖାଯାଏ । ଅଧିକ ସଂକ୍ରମିତ ହେଲେ ଗଛର ପତ୍ର ଝଡ଼ିଯାଏ ଓ ଫଳ ବଢ଼ିପାରେ ନାହିଁ ।

## ପରିଚାଳନା

କ)	ଗଭୀର ଭାବେ ୨ / ୩ ଓଡ଼ ଖରାଟିଆ ଚାଷ କରନ୍ତୁ ।



ଖ)	ବିହନକୁ କ୍ୟାପଟାନ୍ / ଥିରାମ୍ / କାର୍ବେଣ୍ଡାଜିମ୍ ଦ୍ୱାରା ବିଶୋଧନ କରନ୍ତୁ କିମ୍ବା 'ଟ୍ରାଇକୋଡର୍ମା ଭିରିଡି' ଦ୍ୱାରା ୧କି.ଗ୍ରା. ବିହନ ପ୍ରତି ୪ଗ୍ରାମ ହିସାବରେ ଗୋଳାଇ ବିଶୋଧନ କରନ୍ତୁ ।

ଗ)	ଏକର ପ୍ରତି ୧କି.ଗ୍ରା. ସେଚିତ ଗନ୍ଧକ ଗୁଣ୍ଡ କିମ୍ବା ୪୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦%ଡବ୍ଲୁ.ପି.୨୦୦ ଲିଟର ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

## ୭)  ପତ୍ରପୋଡା ରୋଗ



ଏହି ରୋଗ ଗଛର ଯେକୌଣସି ଅବସ୍ଥାରେ କଅଁଳ ଅଂଶକୁ ସଂକ୍ରମିତ କରିଥାଏ। କିନ୍ତୁ ପତ୍ର ଓ ଫଳକୁ ଏହା ବିଶେଷ ଭାବରେ ସଂକ୍ରମିତ କରିଥାଏ। ପତ୍ର ବା ଫଳରେ ଗୋଲାକାର କଳା, ସଙ୍କୁଚିତ, ନାଲି ବା କମଳା ଧାର ବିଶିଷ୍ଟ ଦାଗ ଦେଖିବାକୁ ମିଳେ। ଅଧିକ ମାତ୍ରାରେ ସଂକ୍ରମିତ ହେଲେ ଆକ୍ରାନ୍ତ ଅଂଶ ଶୁଖି ଝଡ଼ି ପଡ଼େ।

### ପରିଚାଳନା

କ)  ଗଭୀର ଭାବେ ୨ / ୩ ଓଡ଼ ଖରାଟିଆ ଚାଷ କରନ୍ତୁ।

ଖ)  ବିହନକୁ କ୍ୟାପଟାନ୍ / ଥିରାମ୍ / କାର୍ବେଣ୍ଡାଜିମ୍ ଦ୍ୱାରା ବିଶୋଧନ କରନ୍ତୁ କିମ୍ବା 'ଟ୍ରାଇକୋଡର୍ମା ଭିରିଡି' ଦ୍ୱାରା ୧ କି.ଗ୍ରା. ବିହନ ପ୍ରତି ୪ଗ୍ରାମ ହିସାବରେ ଗୋଳାଇ ବିଶୋଧନ କରନ୍ତୁ।

ଗ)  ପ୍ରତି ଲିଟର ପାଣିରେ ୪ ଗ୍ରାମ ମାଙ୍କୋଜେବ୍ ୭୫% ଡବ୍ଲୁ.ପି. କିମ୍ବା ୨ ଗ୍ରାମ ଥିରାମ ୭୫% ଡବ୍ଲୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ।

## ୮)  ସାହେବୀ ରୋଗ



ଏହି ରୋଗ ପ୍ରଥମେ କଅଁଳ ପତ୍ରରେ ହଳଦିଆ ଦାଗ ଆକାରରେ ଦେଖାଯାଇଥାଏ। କ୍ରମେ କ୍ରମେ ହଳଦିଆ ଅଂଶ ବଢ଼ି ପରିଶେଷରେ କେତେକ କଅଁଳିଆ ଅଂଶ ସମ୍ପୂର୍ଣ୍ଣ ରୂପେ ହଳଦିଆ ହୋଇଥାଏ। ରୁଗ୍ଣ ଗଛଗୁଡ଼ିକ ପରବର୍ତ୍ତୀ ଅବସ୍ଥାରେ ବଢ଼ି କମ୍ ସଂଖ୍ୟକ ଫୁଲ ଓ ଫଳ ଧାରଣ କରେ। ଫଳଗୁଡ଼ିକ ଛୋଟ ହୋଇଥାଏ ଓ ପ୍ରାୟତଃ ଅପରିପକ୍ୱ ରହେ। ଯଦି ଫଳରେ ମଞ୍ଜି ହୁଏ, ମଞ୍ଜିଗୁଡ଼ିକ ଅପେକ୍ଷାକୃତ ଛୋଟ ହୋଇଥାଏ। ଆକ୍ରାନ୍ତ ପତ୍ରଗୁଡ଼ିକ ଶୁଖିଯାଏ। ଧଳାମାଛି ଏହି ରୋଗର ବାହକ।

**ପରିଚାଳନା**

କ) ଗଭୀର ଭାବେ ଚାଷ କରି କିଆରୀରୁ ଘାସ ଲଟା ଓ ପୂର୍ବ ଫସଲର ଅବଶିଷ୍ଟାଂଶ ନଷ୍ଟ କରିଦିଅନ୍ତୁ ।

ଖ) ରୋଗାକ୍ରାନ୍ତ ଗଛର ବିହନ ବ୍ୟବହାର କରନ୍ତୁ ନାହିଁ ।

ଗ) କିଆରୀରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ଘ) ରୋଗ ପ୍ରତିରୋଧି / ସହଣୀ କିସମ ବିହନ ବ୍ୟବହାର କରନ୍ତୁ ।

ଙ) ଆକ୍ରାନ୍ତ ଗଛଗୁଡ଼ିକୁ ଓପାଡ଼ି ନଷ୍ଟ କରିଦିଅନ୍ତୁ ।

ଚ) ବାହକ ଧଳାମାଛିକୁ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୪୦୦ ମି.ଲି. ମିଥାଇଲ୍ ଅକ୍ସିଡିମେଟନ୍ ୨୫%ଇ.ସି. କିମ୍ବା ୪୦୦ମି.ଲି. ଡାଇମେଥୋଏଟ ୩୦%ଇ.ସି. କିମ୍ବା ୫୦ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. ୨୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

ଇ-ରୋଗ ପୋକ ସର୍ବେକ୍ଷଣ
ଫସଲ୍ ରକ୍ଷା ତତକ୍ଷଣ

ଇ-ରୋଗ ପୋକ ସର୍ବେକ୍ଷଣ, କୃଷି ବିଭାଗ, ଓଡ଼ିଶା

## ବିଭିନ୍ନ ଫସଲର ରୋଗ ଓ ଅନିଷ୍ଟକାରୀ କୀଟର ଆର୍ଥିକ ଦେହଳୀ ସୀମା/ ରୋଗ ପୋକର ତୀବ୍ରତା

| ଫସଲ | ରୋଗ/ପୋକର ନାମ | ତୀବ୍ରତା / ଆର୍ଥିକ ଦେହଳୀ ସୀମା | | |
|---|---|---|---|---|
| | | ନିମ୍ନ | ମଧ୍ୟମ | ମାତ୍ରାଧିକ |
| ଧାନ | ଲେଡ଼ା ପୋକ | -- | -- | ୧ ବର୍ଗମିଟରରେ ୧ଟି ଶୂକ |
| | କାଣ୍ଡବିନ୍ଧା ପୋକ | ୨୦ରୁ ଅଧିକ ପିଲରେ ୧ଟି ଆକ୍ରାନ୍ତ ପିଲ / କେଣ୍ଡା (<୫%) | ୨୦ଟି ପିଲରେ ୧-୨ ଟି ଆକ୍ରାନ୍ତ ପିଲ / କେଣ୍ଡା (୫-୧୦%) | ୨୦ଟି ପିଲରେ ୨ଟିରୁ ଅଧିକ ଆକ୍ରାନ୍ତ ପିଲ/କେଣ୍ଡା (>୧୦%) |
| | ପତ୍ର ମୋଡ଼ା ପୋକ / ନଳୀ ପୋକ | ୨ରୁ ଅଧିକ ବୁଦାରେ ୧ଟି ସଦ୍ୟ ଆକ୍ରାନ୍ତ ପତ୍ର | ବୁଦା ପ୍ରତି ୧-୨ଟି ସଦ୍ୟ ଆକ୍ରାନ୍ତ ପତ୍ର | ବୁଦା ପ୍ରତି ୨ଟିରୁ ଅଧିକ ସଦ୍ୟ ଆକ୍ରାନ୍ତ ପତ୍ର |
| | ମାଟିଆଗୁଣ୍ଡି ପୋକ / ଧଳାପିଠିଆଗୁଣ୍ଡି ପୋକ | ବୁଦା ପ୍ରତି ୫ଟିରୁ କମ୍ ପୋକ | ବୁଦା ପ୍ରତି ୫-୧୦ଟି ପୋକ | ବୁଦା ପ୍ରତି ୧୦ଟିରୁ ଅଧିକ ପୋକ |
| | ଗନ୍ଧି ପୋକ | ୨ରୁ ଅଧିକ ବୁଦାରେ ୧ଟି ପୋକ | ବୁଦା ପ୍ରତି ୧ଟି ପୋକ | ବୁଦା ପ୍ରତି ୧ଟିରୁ ଅଧିକ ପୋକ |
| | ମହିଷା ରୋଗ / ପତ୍ରଚିତା ରୋଗ | ୨୦ରୁ ଅଧିକ ପତ୍ରରେ ୧ଟି ଆକ୍ରାନ୍ତ ପତ୍ର (<୫%) | ୨୦ଟି ପତ୍ର / କେଣ୍ଡାରେ ୧ ରୁ ୨ଟି ଆକ୍ରାନ୍ତ ପତ୍ର / କେଣ୍ଡା (୫-୧୦%) | ୨୦ଟି ପତ୍ର / କେଣ୍ଡାରେ ୨ଟିରୁ ଅଧିକ ଆକ୍ରାନ୍ତ ପତ୍ର / କେଣ୍ଡା (>୧୦%) |
| | ପତ୍ରପୋଡ଼ା ରୋଗ | ୨୦ଟି ରୁ ଅଧିକ ପତ୍ରରେ ୧ଟି ଆକ୍ରାନ୍ତ ପତ୍ର (<୫%) | ୨୦ଟି ପତ୍ରରେ ୧ରୁ ୨ଟି ଆକ୍ରାନ୍ତ ପତ୍ର (୫-୧୦%) | ୨୦ଟି ପତ୍ରରେ ୨ଟିରୁ ଅଧିକ ଆକ୍ରାନ୍ତ ପତ୍ର (>୧୦%) |
| | ପତ୍ରାଚ୍ଛଦ ପୋଡ଼ା / ପତ୍ରାଚ୍ଛଦ ସଢ଼ା / ମୂଳ ସଢ଼ା ରୋଗ | ୨୦ରୁ ଅଧିକ ପିଲରେ ୪ଟି ଆକ୍ରାନ୍ତ ପିଲ (<୨୦%) | ୨୦ଟି ପିଲରେ ୪ ରୁ ୬ଟି ଆକ୍ରାନ୍ତ ପିଲ (୨୦-୩୦%) | ୨୦ଟି ପିଲରେ ୬ଟିରୁ ଅଧିକ ଆକ୍ରାନ୍ତ ପିଲ (>୩୦%) |
| ମୁଗ/ ବିରି/ ହରଡ଼ | କାଳିମୁଣ୍ଡି ପୋକ | ୧ ବର୍ଗମିଟରରେ ୨ଟି ଶୂକ | ୧ ବର୍ଗମିଟରରେ ୩ ରୁ ୫ଟି ଶୂକ | ୧ ବର୍ଗମିଟରରେ ୫ଟିରୁ ଅଧିକ ଶୂକ |
| | ଛୁଇଁ ବିନ୍ଧା ପୋକ | ୫ବର୍ଗମିଟରରେ ୧ଟି ଶୂକ | ୧ବର୍ଗମିଟରରେ ୧ଟି ଶୂକ | ଗଛ ପ୍ରତି ୧ଟି ଶୂକ |
| | ଛୁଇଁ ଶୋଷକ କୀଟ | ଗଛ ପ୍ରତି ୫ଟିରୁ କମ୍ ପୋକ | ଗଛ ପ୍ରତି ୫ରୁ ୧୦ଟି ପୋକ | ଗଛ ପ୍ରତି ୧୦ଟିରୁ ଅଧିକ ପୋକ |

| ଫସଲ | ରୋଗ/ପୋକର ନାମ | ତୀବ୍ରତା / ଆର୍ଥିକ ଦେହଳୀ ସୀମା | | |
| --- | --- | --- | --- | --- |
| | | ନିମ୍ନ | ମଧ୍ୟମ | ମାତ୍ରାଧିକ |
| ମୁଗ / ବିରି / ଝୁଡ଼ଙ୍ଗ | ଧଳା ମାଛି | ଗଛ ପ୍ରତି ୧୦ଟିରୁ କମ୍ ପୂର୍ଣ୍ଣାଙ୍ଗ / କୋଷା | ଗଛ ପ୍ରତି ୧୦ ରୁ ୨୦ଟି ପୂର୍ଣ୍ଣାଙ୍ଗ / କୋଷା | ଗଛ ପ୍ରତି ୨୦ଟିରୁ ଅଧିକ ପୂର୍ଣ୍ଣାଙ୍ଗ / କୋଷା |
| | ଉକୁଣିଆ ପୋକ | ପତ୍ର ପ୍ରତି ୨ଟିରୁ କମ୍ ପୋକ | ପତ୍ର ପ୍ରତି ୨ ରୁ ୪ଟି ପୋକ | ପତ୍ର ପ୍ରତି ୫ଟି ପୋକ ବା ତତୋଧିକ |
| | ଜଉ ପୋକ | ପ୍ରତି ୨୦ରୁ ଅଧିକ ଗଛରେ ୨ଟି ଆକ୍ରାନ୍ତ ଗଛ (<୧୦%) | ପ୍ରତି ୨୦ଟି ଗଛରେ ୨ଟି ଆକ୍ରାନ୍ତ ଗଛ (୧୦%) | ପ୍ରତି ୨୦ଟି ଗଛରେ ୨ଟିରୁ ଅଧିକ ଆକ୍ରାନ୍ତ ଗଛ (>୧୦%) |
| | ସାହେବୀ ରୋଗ | ୨୦ଟି ପତ୍ରରେ ୧ଟିରୁ କମ୍ ଆକ୍ରାନ୍ତ (ହଳଦିଆ) ପତ୍ର (<୫%) | ୨୦ଟି ପତ୍ରରେ ୧ ରୁ ୨ଟି ଆକ୍ରାନ୍ତ (ହଳଦିଆ) ପତ୍ର (୫-୧୦%) | ୨୦ଟି ପତ୍ରରେ ୨ଟିରୁ ଅଧିକ ଆକ୍ରାନ୍ତ (ହଳଦିଆ) ପତ୍ର (>୧୦%) |
| | ପତ୍ରପୋଡ଼ା / ପାଉଁଶିଆ ରୋଗ | ପ୍ରତି ୨୦ଟିରୁ ଅଧିକ ପତ୍ରରେ ୧ଟି ଆକ୍ରାନ୍ତ ପତ୍ର (<୫%) | ପ୍ରତି ୨୦ଟି ପତ୍ରରେ ୧-୨ଟି ଆକ୍ରାନ୍ତ ପତ୍ର (୫-୧୦%) | ପ୍ରତି ୨୦ଟି ପତ୍ରରେ ୨ରୁ ଅଧିକ ଆକ୍ରାନ୍ତ ପତ୍ର (>୧୦%) |
| ଚିନାବାଦାମ | ଧୂଆଁ ପତ୍ର ଗୋଟି ପୋକ | ୫ ବର୍ଗମିଟରରେ ୧ଟି ପୋକ | ୧ବର୍ଗମିଟରରେ ୧ଟି ପୋକ | ଗଛ ପ୍ରତି ୧ଟି ପୋକ |
| | ପତ୍ରସୁଡ଼ଙ୍ଗୀ ପୋକ | ଗଛ ପ୍ରତି ୧ଟିରୁ କମ୍ ପୋକ | ଗଛ ପ୍ରତି ୧ରୁ ୨ଟି ପୋକ | ଗଛ ପ୍ରତି ୨ରୁ ଅଧିକ ପୋକ |
| | ଉଈ/ଧବଳଭୃଙ୍ଗ | ୫୦ଟିରୁ ଅଧିକ ଗଛରେ ୧ଟି ଆକ୍ରାନ୍ତ ଗଛ (<୨%) | ୫୦ଟି ଗଛରେ ୧-୨ଟି ଅଧିକ ଆକ୍ରାନ୍ତ ଗଛ (୨-୪%) | ୫୦ଟି ଗଛରେ ୨ରୁ ଅଧିକ ଆକ୍ରାନ୍ତ ଗଛ (>୪%) |
| | ପତ୍ରଡିଆଁ / ଉକୁଣିଆ ପୋକ | ପତ୍ର ପ୍ରତି ୨ଟିରୁ କମ୍ ପୋକ | ପତ୍ର ପ୍ରତି ୨-୪ଟି ପୋକ | ପତ୍ର ପ୍ରତି ୫ଟି ପୋକ ବା ତତୋଧିକ |
| | ବେକ ସଢ଼ା ରୋଗ | ୨୦ରୁ ଅଧିକ ଗଛରେ ୧ଟି ଆକ୍ରାନ୍ତ ଗଛ (<୫%) | ୨୦ଟି ଗଛରେ ୧-୨ଟି ଆକ୍ରାନ୍ତ ଗଛ (୫-୧୦%) | ୨୦ଟି ଗଛରେ ୨ରୁ ଅଧିକ ଆକ୍ରାନ୍ତ ଗଛ (>୧୦%) |
| | ଟିକା ରୋଗ | ୨୦ଟି ପତ୍ରରେ ୧ଟି ଆକ୍ରାନ୍ତ ପତ୍ର (୫%) | ୨୦ଟି ପତ୍ରରେ ୧-୨ଟି ଆକ୍ରାନ୍ତ ପତ୍ର (୫-୧୦%) | ୨୦ଟି ପତ୍ରରେ ୨ରୁ ଅଧିକ ଆକ୍ରାନ୍ତ ପତ୍ର (>୧୦%) |

ବି.ଦ୍ର. :- ଏତତ୍ ବ୍ୟତୀତ ଫସଲରେ ଅନ୍ୟ କୌଣସି ରୋଗ ପୋକ ଦେଖାଦେଲେ ସମ୍ପୃକ୍ତ କୃଷି ଅଧିକାରୀ କିମ୍ବା ଫସଲ ସୁରକ୍ଷା ଅଧିକାରୀଙ୍କ ସହ ପରାମର୍ଶ କରି ବିବରଣୀ ପ୍ରଦାନ କରିବେ।

କୃଷି ବିଭାଗ, ଓଡ଼ିଶା ସରକାର

# ଇ-ରୋଗ ପୋକ ସର୍ବେକ୍ଷଣ ଡାଟା ସିଟ୍ (ଧାନ)

ଗ୍ରାମର ନାମ :________ ଧାନ ଚାଷ ହୋଇଥିବା ଜମିର ଆୟତନ ______ ଚାଷୀର ନାମ ______________ ଫୋନ୍ :________

ଗ୍ରା.ପ. ________ ବ୍ଲକ ________ ସର୍ବେକ୍ଷଣ ତାରିଖ ________ ଗ୍ରାମର ଅକ୍ଷାଂଶ ______ ଦ୍ରାଘିମା ______ ଫସଲର ଅବସ୍ଥା (ପିଲ / ଗର୍ଭ / ଫୁଲ / କ୍ଷୀର)

**ରୋଗ ପୋକର ତୀବ୍ରତା ଅନୁଯାୟୀ ଆକ୍ରାନ୍ତ ଜମିର ଆୟତନ (ହେକ୍ଟରରେ)**
**(୧-ନିମ୍ନ, ୨-ମଧ୍ୟମ, ୩-ମାତ୍ରାଧିକ)**

| | ଲେଡ଼ା ପୋକ | | | କାଣ୍ଡବିନ୍ଧା ପୋକ | | | ପତ୍ରମୋଡ଼ା ପୋକ/ ନଳୀ ପୋକ | | | ମାଟିଆଗୁଣ୍ଡି ପୋକ/ ଧଳାପିଠିଆ ଗୁଣ୍ଡି ପୋକ | | | ଗନ୍ଧି ପୋକ | | | ମହିଷା / ପତ୍ରଚିତା ରୋଗ | | | ପତ୍ରପୋଡ଼ା ରୋଗ | | | ପତ୍ରାଚ୍ଛଦ ପୋଡ଼ା /ପତ୍ରାଚ୍ଛଦ ସଢ଼ା/ ମୂଳ ସଢ଼ା ରୋଗ | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ |
| ଆକ୍ରାନ୍ତ ଜମି | | | | | | | | | | | | | | | | | | | | | | | | |
| ଶତକଡ଼ା କ୍ଷତି | | | | | | | | | | | | | | | | | | | | | | | | |
| ବୁଦାପ୍ରତି ପୋକ | | | | | | | | | | | | | | | | | | | | | | | | |

**ବ୍ୟବହାର କରାଯାଇଥିବା କୀଟନାଶକ**

| କୀଟନାଶକର ନାମ | ମାତ୍ରା | ଯୋଜନା |
|---|---|---|
| | | |
| | | |
| | | |

**ବିକ୍ରି ହୋଇଥିବା ସିଞ୍ଚନ ଯନ୍ତ୍ର**

| ସିଞ୍ଚନ ଯନ୍ତ୍ର ସଂଖ୍ୟା | ଯୋଜନା |
|---|---|
| | |
| | |
| | |

**ଫେରୋମୋନ୍ ଯନ୍ତା(କାଣ୍ଡ ବିନ୍ଧା ପୋକ ପାଇଁ)**

| | ଯନ୍ତାରେ ପଡ଼ିଥିବା କୀଟ ସଂଖ୍ୟା |
|---|---|
| ଯନ୍ତା ୧ | |
| ଯନ୍ତା ୨ | |

ଜିଲ୍ଲାର ନାମ : ______________ ସହକାରୀ କୃଷି ଅଧିକାରୀଙ୍କ ଦସ୍ତଖତ ଓ ତାରିଖ : ______________

କୃଷି ବିଭାଗ, ଓଡ଼ିଶା ସରକାର

# ଇ-ରୋଗ ପୋକ ସର୍ବେକ୍ଷଣ ଡାଟା ସିଟ୍

## (ଡାଲି ଜାତୀୟ ଓ ଚିନାବାଦାମ ଫସଲ)

ଗ୍ରାମର ନାମ :__________ ଡାଲି ଓ ଚିନାବାଦାମ ଚାଷ ହୋଇଥିବା ଜମିର ଆୟତନ ______ ଚାଷୀର ନାମ ____________________ ଫୋନ୍ :__________

ଗ୍ରା.ପ. __________ ବ୍ଲକ __________ ସର୍ବେକ୍ଷଣ ତାରିଖ __________ ଗ୍ରାମର ଅକ୍ଷାଂଶ ______ ଦ୍ରାଘିମା ______ ଫସଲର ଅବସ୍ଥା (ବୃଦ୍ଧି / ଫୁଲ / ଛୁଇଁ / ପାକଳ)

**ରୋଗ ପୋକର ତୀବ୍ରତା ଅନୁଯାୟୀ ଆକ୍ରାନ୍ତ ଜମିର ଆୟତନ (ହେକ୍ଟରରେ)**

**(୧-ନିମ୍ନ, ୨-ମଧ୍ୟମ, ୩-ମାତ୍ରାଧିକ)**

| | ମୁଗ / ବିରି | | | | | | | | | | | | ହରଡ଼ | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|
| | କାଳିମୁଣ୍ଡି / ଛୁଇଁ ବିନ୍ଧା ପୋକ | | | ଜଉ/ଉକୁଣିଆ/ଧଳାମାଛି | | | ସାହେବୀ ରୋଗ | | | ପତ୍ରପୋଡ଼ା/ ପାଉଁଶିଆ ରୋଗ | | | ଛୁଇଁ ବିନ୍ଧା ପୋକ | | | ଛୁଇଁ ଶୋଷକ କୀଟ | | |
| | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ |
| ଆକ୍ରାନ୍ତ ଜମି | | | | | | | | | | | | | | | | | | |
| ଶତକଡ଼ା କ୍ଷତି | | | | | | | | | | | | | | | | | | |
| ଗଛ/ପତ୍ର ପ୍ରତି ପୋକ | | | | | | | | | | | | | | | | | | |

| | ଚିନାବାଦାମ | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|
| | ଧୂଆଁପତ୍ର ଗୋଟିପୋକ | | | ପତ୍ରସୁଡ଼ଙ୍ଗୀ ପୋକ | | | ଉଇ/ଧବଳଭୃଙ୍ଗ | | | ଉକୁଣିଆ/ ପତ୍ରଡିଆଁ ପୋକ | | | ବେକସଢ଼ା ରୋଗ | | | ଟୀକା ରୋଗ | | |
| | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ |
| ଆକ୍ରାନ୍ତ ଜମି | | | | | | | | | | | | | | | | | | |
| ଶତକଡ଼ା କ୍ଷତି | | | | | | | | | | | | | | | | | | |
| ଗଛ/ପତ୍ର ପ୍ରତି ପୋକ | | | | | | | | | | | | | | | | | | |


| ବ୍ୟବହାର କରାଯାଇଥିବା କୀଟନାଶକ | | |
|---|---|---|
| କୀଟନାଶକର ନାମ | ମାତ୍ରା | ଯୋଜନା |
| | | |
| | | |
| | | |

| ବିକ୍ରି ହୋଇଥିବା ସିଞ୍ଚନ ଯନ୍ତ୍ର | |
|---|---|
| ସିଞ୍ଚନ ଯନ୍ତ୍ର ସଂଖ୍ୟା | ଯୋଜନା |
| | |
| | |
| | |

| ଫେରୋମୋନ୍ ଯନ୍ତା (ଧୂଆଁପତ୍ର ଗୋଟି ପୋକ ପାଇଁ) | |
|---|---|
| | ଯନ୍ତାରେ ପଡ଼ିଥିବା କୀଟ ସଂଖ୍ୟା |
| ଯନ୍ତା ୧ | |
| ଯନ୍ତା ୨ | |

ଜିଲ୍ଲାର ନାମ : ____________________ ସହକାରୀ କୃଷି ଅଧିକାରୀଙ୍କ ଦସ୍ତଖତ ଓ ତାରିଖ : ____________________

कृषि सूचना केन्द्र, ओड़िशा, भुबनेश्वर - जुन् २०१२ - ३,०००




Printed by Agriculture Information Wing,
Odisha, Bhubaneswar